## ସଂକ୍ଷେପରେ

### ଏଟିଏମ୍ କାର୍ଡ ବଦଳାଇ ଟଙ୍କା ଲୁଟ୍ : ଯୁବକ ଗିରଫ

**ବାସୁଦେବପୁର, ୨୩।୯ (ଡି.ଏନ.ଏ.):** ବାସୁଦେବପୁରର ବ୍ଲକ ରୋଡ୍‌ରେ ଥିବା ଏକ ଏଟିଏମ୍‌ରୁ ସୁଦର୍ଶନପୁର ଗ୍ରାମର ରଶ୍ମିତା ଦାସ ନାମ୍ନୀ ଜଣେ ମହିଳା ଟଙ୍କା ଉଠାଉଥିବା ବେଳେ ଲୁଟ୍‌ର ଶିକାର ହୋଇଛନ୍ତି। ପାଖରେ ଛିଡ଼ା ହୋଇଥିବା ଜଣେ ଯୁବକ ତାଙ୍କ ଏଟିଏମ୍ କାର୍ଡକୁ ଚଞ୍ଚକତା ପୂର୍ବକ ନେଇ ଆକାଉଣ୍ଟରୁ ୨୦ ହଜାର ଟଙ୍କା ଉଠାଇ ନେଇଥିବା ସେ ଅଭିଯୋଗ କରିଥିଲେ। ରଶ୍ମିତାଙ୍କ ଲିଖିତ ଅଭିଯୋଗ କ୍ରମେ ବାସୁଦେବପୁର ଥାନା ପୋଲିସ ରବିବାର ମାମଲା(ନଂ.୩୦୭/୧୯) ରୁଜୁ କରିଥିଲା। ପୋଲିସ ସମ୍ପୃକ୍ତ ଯୁବକ ସୌମ୍ୟକାନ୍ତ ସାମଲଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ସୌମ୍ୟକାନ୍ତଙ୍କ ଘର ଅଡୁଁଆ ଗ୍ରାମରେ। ରଶ୍ମିତା ଏଟିଏମ୍‌ରୁ ଟଙ୍କା ଉଠାଉଥିବା ବେଳେ ସୌମ୍ୟକାନ୍ତ ଚଞ୍ଚକତା କରି ତାଙ୍କ କାର୍ଡକୁ ବଦଳ କରି ନେଇଯାଇଥିଲେ ବୋଲି ସେ ଅଭିଯୋଗ କରିଥିଲେ।

### ଦୁର୍ଘଟଣାରେ ୩ ଗୁରୁତର

**ଭଦ୍ରକ ଅଫିସ, ୨୩।୯:** ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥ ଚରମ୍ପା ନିକଟସ୍ଥ ହୁଣ୍ଡାଇ ଶୋରୁମ୍ ସମ୍ମୁଖରେ ସୋମବାର ମଧ୍ୟାହ୍ନରେ ଏକ ଦୁର୍ଘଟଣା ଘଟିଛି। ଏଥିରେ ୩ ଜଣ ଗୁରୁତର ହୋଇଥିବା ବେଳେ ସେମାନଙ୍କୁ ପ୍ରଥମେ ଜିଲା ଚିକିତ୍ସାଳୟକୁ ନିଆଯାଇଥିଲା। ପରେ କଟକ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁସାରେ, ଏକ କ୍ଷୀର କମ୍ପାନୀର ମହିନ୍ଦ୍ରା ଟିୟୁଭି ଗାଡ଼ିରେ ଡ୍ରାଇଭର ସମେତ ୪ ଜଣ ଅଧିକାରୀ ବାଲେଶ୍ୱରରୁ ଭୁବନେଶ୍ୱର ଅଭିମୁଖେ ଫେରୁଥିଲେ। ଚରମ୍ପା ନିକଟସ୍ଥ ହୁଣ୍ଡାଇ ଶୋରୁମ୍ ସମ୍ମୁଖରେ ସମାନ ଅଭିମୁଖେ ଯାଉଥିବା ଏକ ଟ୍ରେଲରକୁ ଧକ୍କା ଦେଇ ଭାରସାମ୍ୟ ହରାଇ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ମହିନ୍ଦ୍ରା ଗାଡ଼ିଟି ଡିଭାଇଡର୍ ଉପରକୁ ଚଢ଼ିଯାଇଥିଲା। ଏହି ଗାଡ଼ିରେ ବସିଥିବା ୩ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ଭୁବନେଶ୍ୱର ନନ୍ଦନକାନନ ଅଞ୍ଚଳର କୈଳାସ ବେହୁରୀ, ସତ୍ୟବ୍ରତ ରାଉତ ଓ ଗୌତମ ବୋଷ ବୋଲି ଜଣାଯାଇଛି। ଘଟଣାସ୍ଥଳରେ ଗ୍ରାମାଞ୍ଚଳ ଥାନା ପୋଲିସ ପହଞ୍ଚି ଅନୁସନ୍ଧାନ କରିଥିଲା।

### ଉଦ୍ଧାର ମୃତ ବ୍ୟକ୍ତିଙ୍କ ପରିଚୟ ମିଳିଲା

**ଭଦ୍ରକ ଅଫିସ, ୨୩।୯:** ବନ୍ତ ଛକ ବସ୍‌ଷ୍ଟାଣ୍ଡ ନିକଟସ୍ଥ ଏକ ପରିତ୍ୟକ୍ତ କୋଠାରୁ ରବିବାର ଜଣେ ଅଚିହ୍ନା ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଟାଉନ ପୋଲିସ ଉଦ୍ଧାର କରିଥିଲା। ଏହି ମୃତବ୍ୟକ୍ତିଙ୍କ ପରିଚୟ ମିଳିଛି। ମୃତକ ବାଉତ୍‌ପୁର ଅଞ୍ଚଳର ସନାତନ ଜେନା ବୋଲି ପୋଲିସ ସୂଚନା ପାଇଛି। ସନାତନଙ୍କ ପରିବାର ଲୋକ କେହି ନ ଥିବାରୁ ଠିକ୍ ଭାବେ ଚିହ୍ନଟ କରାଯାଇପାରି ନାହିଁ। ମଙ୍ଗଳବାର ଚେନ୍ନାଇରେ ରହୁଥିବା ସନାତନଙ୍କ ଝିଅ ପହଞ୍ଚି ମୃତଦେହ ଚିହ୍ନଟ କରିବେ ବୋଲି ଜଣାଯାଇଛି।

### ଚୋରଙ୍କୁ ଧରି ପୋଲିସ ଜିମା

**ତିହିଡ଼ି, ୨୩।୯ (ଡି.ଏନ.ଏ.):** ତିହିଡ଼ି ଥାନା ବିଲଣା ପଞ୍ଚାୟତ ନୂଆପାଟଣା ଗ୍ରାମର ଭାରତୀ ପରିଡ଼ାଙ୍କ ଘରେ ପଶି ଚୋରି ଉଦ୍ୟମ କରୁଥିବା ବେଳେ ଜଣେ ଚୋରଙ୍କୁ ଧରି ଗ୍ରାମବାସୀ ପୋଲିସ ଜିମା ଦେଇଛନ୍ତି। ଉକ୍ତ ଯୁବକ ଲଞ୍ଜାତର ଗ୍ରାମର ଟିଟୁଆ ମଳିକ ବୋଲି ଜଣାପଡ଼ିଛି। ଭାରତୀଙ୍କ ଅଭିଯୋଗ କ୍ରମେ ପୋଲିସ ମାମଲା(ନଂ. ୪୧୫/୧୯) ରୁଜୁ କରିଛି। ପୋଲିସ ଟିଟୁଆଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଟିଟୁଆ ସୋମବାର ସକାଳେ ଭାରତୀଙ୍କ ଘରେ ପଶି ଚୋରି ଉଦ୍ୟମ କରୁଥିବା ବେଳେ ଗ୍ରାମବାସୀଙ୍କ ହାବୁଡ଼ରେ ପଡ଼ିଥିଲେ।

### ୫ ବଖରା ଜଳିଗଲା

**ଆରଡ଼ି, ୨୩।୯ (ଡି.ଏନ.ଏ.):** ଚାନ୍ଦବାଲି ବ୍ଲକ ନାନ୍ଦପୁର ପଞ୍ଚାୟତ ପାଲଟପୁର ଗାଁ ନିକଟରେ ସୋମବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ୫ ବଖରା ଜଳିଯାଇଛି। ସ୍ଥାନୀୟ ବାଙ୍କମୁହାଁ ଗ୍ରାମର ସନାତନ ମାଝୀଙ୍କର ୩ ଓ କଉଯୋଡି ଗ୍ରାମର ଦେବେନ୍ଦ୍ର ମାଝୀଙ୍କର ୨ ବଖରା ପୋଡ଼ିଯାଇଛି। ରାସ୍ତାପାର୍ଶ୍ୱରେ ଥିବା ଏହି ଘରେ ନିଆଁ ଲାଗିବାରୁ ପରିବାର ଲୋକେ ଘରୁ ବାହାରକୁ ଚାଲିଆସି ଗାଁ ଲୋକଙ୍କୁ ଡାକିଥିଲେ। ଗ୍ରାମବାସୀ ପାଣି ଢାଳିଥିଲେ ମଧ୍ୟ ନିଆଁକୁ ଆୟତ୍ତ କରିପାରି ନ ଥିଲେ। ୩୫ କି.ମି. ଦୂର ଧାମନଗରରୁ ଦମକଳ ଆସି ପହଞ୍ଚିବା ବେଳକୁ ଦୁଇ ପରିବାରର ସବୁକିଛି ପୋଡ଼ି ନଷ୍ଟ ହୋଇଯାଇଥିଲା। ବିଦ୍ୟୁତ୍ ଶର୍ଟ୍‌ସର୍କିଟ୍ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି।

# ମହତାବନଗର ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ

**ଆରଡି, ୨୩।୯ (ଡି.ଏନ.ଏ.)**




ମହତାବନଗର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର।

- ଆୟୁଷ ଡାକ୍ତର, ଆଟେଣ୍ଡାଣ୍ଟଙ୍କୁ ନେଇ ଚାଲିଛି
- ମାସକ ମଧ୍ୟରେ ପଦକ୍ଷେପ ନ ନେଲେ ଆନ୍ଦୋଳନ

ଭଦ୍ରକ ଜିଲା ଧାମନଗର ବ୍ଲକ ପାଳସାହି ପଞ୍ଚାୟତ ମହତାବନଗର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥା ଲାଗି ରହିଛି। ଏଠାରେ ଡାକ୍ତର ଅଭାବ ସାଙ୍ଗକୁ ଅନ୍ୟ କର୍ମଚାରୀ ପଦବୀ ମଧ୍ୟ ଖାଲିପଡ଼ିଛି। ଏବେ ଜଣେ ଆୟୁଷ ଡାକ୍ତର ଓ ଜଣେ ଆଟେଣ୍ଡାଣ୍ଟଙ୍କୁ ନେଇ ସ୍ୱାସ୍ଥ୍ୟକେନ୍ଦ୍ର ଚାଲିଛି। ଏଭଳି ଅବ୍ୟବସ୍ଥାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଖାଲି ପଡ଼ିଥିବା ପଦବୀ ପୂରଣ ଦିଗରେ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହୋଇଛି।

୧୯୯୫ ମସିହାରୁ ସ୍ଥାପିତ ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ପାଳସାହି, ରଇପୁର, ସୁନ୍ଦରପୁର, ସାହାସପୁର, ଯାଜପୁର ଜିଲାର ଦତପୁର ଓ ନାରଣଗଛ ଆଦି ପଞ୍ଚାୟତର ୩୦ଖଣ୍ଡ ଗାଁର ଲୋକେ ନିର୍ଭର କରନ୍ତି। ଏହାଛଡ଼ା ସ୍ଥାନୀୟ ବାବାମଣି ଡିଗ୍ରୀ ମହାବିଦ୍ୟାଳୟ, ଆଖଣ୍ଡଳମଣି ମହାବିଦ୍ୟାଳୟ ଓ ଆଇଡିଏମ୍ କଲେଜର ଶତାଧିକ ଛାତ୍ରୀଛାତ୍ର ମଧ୍ୟ ଏହି ମେଡିକାଲକୁ ଭରସା କରିଥାନ୍ତି। ଏଠାରେ ଡାକ୍ତର ସହ ଫାର୍ମାସିଷ୍ଟ, ଏଏନ୍ଏମ ଓ ସୁଇପର ଆଦି ପଦବୀ ଫାଙ୍କା ପଡ଼ିଛି। କାର୍ଯ୍ୟରତ ଆୟୁଷ ଡାକ୍ତର ବିଭାଗୀୟ କାର୍ଯ୍ୟରେ ଅନ୍ୟତ୍ର ଗଲେ ଆଟେଣ୍ଡାଣ୍ଟ ଜଣଙ୍କ ରୋଗୀ ଦେଖିବା ସହ ଔଷଧ ବଣ୍ଟନ କରନ୍ତି। ଏପରି ଅବ୍ୟବସ୍ଥା ପାଇଁ ଏହି ମେଡିକାଲ ପ୍ରତି ଲୋକେ ମୁହଁ ଫେରେଇବା ଆରମ୍ଭ କଲେଣି। ସେମାନେ ଦୂରରେ ଥିବା ଧୂଷୁରୀ ଏରିଆ ହସ୍‌ପିଟାଲ ଉପରେ ଆସ୍ଥା ପ୍ରକଟ କରିବା ଆରମ୍ଭ କରିଥିବା କୁହାଯାଉଛି। ତୁରନ୍ତ ମହତାବ ନଗର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଓ ଅନ୍ୟ କର୍ମଚାରୀ ପଦବୀ ପୂରଣ କରାଯାଉ ବୋଲି ଦାବି ହୋଇଛି। ମାସକ ମଧ୍ୟରେ ଏ ଦିଗରେ କୌଣସି ପଦକ୍ଷେପ ନିଆ ନ ଗଲେ ଜନଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ସ୍ଥାନୀୟ ଲୋକେ ଚେତାବନୀ ଦେଇଛନ୍ତି। ପାଳସାହିର ପୂର୍ବତନ ସରପଞ୍ଚ ଅନିଲ କୁମାର ଦାସ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ୟା ବିଷୟରେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଅବଗତ କରୁଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି କହିଛନ୍ତି। ଏ ସମ୍ପର୍କରେ ଭଦ୍ରକ ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଦୀପ ଖୁଣ୍ଟିଆଙ୍କୁ ପଚାରିବାରୁ କହିଛନ୍ତି, ଭଦ୍ରକ ଜିଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ୭୨ଟି ଡାକ୍ତରୀ ପଦବୀ ମଧ୍ୟରୁ ମାତ୍ର ୩୪ଟି ପୂରଣ ହୋଇଛି। ଅବଶିଷ୍ଟ ସ୍ଥାନରେ ଏହି ପଦବୀ ଖାଲି ପଡ଼ିଛି। ତଥାପି ଖୁବ୍‌ଶୀଘ୍ର ମହତାବନଗର ସ୍ୱାସ୍ଥ୍ୟକେନ୍ଦ୍ରକୁ କେତେକ କର୍ମଚାରୀ ଯୋଗାଇ ଦେବାକୁ ସରକାର ଯୋଜନା ରଖିଛନ୍ତି। ତୁରନ୍ତ ଏହା କାର୍ଯ୍ୟକାରୀ ହେବ ବୋଲି ସେ କହିଛନ୍ତି।



ଦୁର୍ଗାପୂଜା ଉପଲକ୍ଷେ ଶୈବପୀଠ ଆରଡିରେ ମା ଦୁର୍ଗାଙ୍କ ଗାୟତ୍ରୀ ବେଶ।

# ‘ବିଶ୍ୱ ପାଇଁ ବିପଦ ଜଳବାୟୁ ପରିବର୍ତ୍ତନ’




କର୍ମଶାଳାରେ ଉପସ୍ଥିତ ଅତିଥି।

**ଭଦ୍ରକ ଅଫିସ, ୨୩।୯**

ଜଳବାୟୁ ପରିବର୍ତ୍ତନ ଆଗାମୀ ଦିନରେ ବିଶ୍ୱ ପାଇଁ ସବୁଠାରୁ ବଡ଼ ବିପଦ ଆଣିବାକୁ ଯାଉଛି। ଏହାର ପ୍ରଭାବରେ ଅନେକ ପ୍ରାକୃତିକ ବିଲକ୍ଷଣ ଏବେଠୁ ଦେଖାଗଲାଣି। ଜଳବାୟୁ ସୁରକ୍ଷା ନିମନ୍ତେ ଏକ ଅଭିନବ ପ୍ରୟାସ କ୍ରମେ ଭଦ୍ରକ ରୋଟାରୀ କ୍ଲବ୍ ମିଡ୍‌ଟାଉନ୍ ପକ୍ଷରୁ ସଂସ୍କୃତି ଭବନଠାରେ ଅନୁଷ୍ଠିତ ଜଳବାୟୁ ସମ୍ପର୍କିତ ସମ୍ମିଳନୀରେ ମୁଖ୍ୟଅତିଥି ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ଅଧିକାରୀ ମଧୁସୂଦନ ଦାସ ଏହି ମତବ୍ୟକ୍ତ କରିଥିଲେ। ଭଦ୍ରକ ଜିଲାର ବିଭିନ୍ନ ବିଦ୍ୟାଳୟରୁ ୬୦ ଛାତ୍ରୀଛାତ୍ର ଓ ୨୦ ଗାଇଡ୍ ଶିକ୍ଷକ ସମ୍ମିଳନୀରେ ଯୋଗ ଦେଇଥିଲେ।

ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ଅଧିକାରୀ ଦାସ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ରୋଟାରୀ କ୍ଲବ ମିଡ୍‌ଟାଉନ୍‌ର ସଭାପତି ଅତିଶ ବେହେରାଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ଅଧିକାରୀ ରାଜେନ୍ଦ୍ର ପଣ୍ଡା ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ରୋଟାରିଆନ୍ ଅଶୋକ କୁମାର ଶତପଥୀ ସ୍ୱାଗତ ଭାଷଣ ଦେବା ଅବସରରେ ଆମକୁ ଆମ ପୃଥିବୀକୁ ବଞ୍ଚାଇବାକୁ ହେବ ବୋଲି କହିଥିଲେ। ରୋଟାରିଆନ ଶିଶିର ମିଶ୍ର ଓ ଇନ୍ଦ୍ରଜିତ୍ ସିଂ ପ୍ରମୁଖ ଛାତ୍ରୀଛାତ୍ର ଜଳବାୟୁ ସୁରକ୍ଷା ଦୂତ ସାଜି ସମସ୍ତଙ୍କୁ ସଚେତନ କରିବାକୁ ଆହ୍ୱାନ ଦେଇଥିଲେ। ଛାତ୍ରୀଛାତ୍ର ‘ଜଳବାୟୁ ପରିବର୍ତ୍ତନର ଆହ୍ୱାନ ଓ ସମାଧାନ ପନ୍ଥା’ ବିଷୟବସ୍ତୁ ଉପରେ ତଥ୍ୟ ଉପସ୍ଥାପନ କରିଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଭାକର ମଲ୍ଲିକ ଓ ଉଦ୍ଭିଦ ବିଜ୍ଞାନର ଅବସରପ୍ରାପ୍ତ ପ୍ରଫେସର ପଦ୍ମକାନ୍ତ ଧଳ ବିଚାରକ ଭାବେ ଯୋଗ ଦେଇଥିଲେ। ରୋଟାରିଆନ ପବିତ୍ର ଖିଲାର, ଅରୁଣ ପାତ୍ର, ନିକି ମିଶ୍ର, ସିଲୁ ଲଖାନି, ଶଶି ଲଖାନି, ସ୍ୱର୍ଣ୍ଣପ୍ରଭା ଜେନା ଓ ଚୈତାଳି ଖିଲାର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୨ୟ ଅଧିବେଶନରେ କ୍ଲବ ପକ୍ଷରୁ ଶିକ୍ଷକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଜିଲା ଶିକ୍ଷାଧିକାରୀ ସଂଗ୍ରାମ ସାହୁ, ସମ୍ମାନିତ ଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ଶମ୍ଭୁନାଥ ପାଣିଗ୍ରାହୀ ଓ ଜିଲାସ୍କୁଲର ପ୍ରଧାନଶିକ୍ଷକ ଜଗବନ୍ଧୁ ସାହୁ ଯୋଗ ଦେଇଥିଲେ। ଜିଲାର ବିଭିନ୍ନ ବିଦ୍ୟାଳୟର ୨୬ ଶିକ୍ଷକଙ୍କୁ ନେସନ ବିଲ୍ଡର ଆୱାର୍ଡରେ ସମ୍ମାନିତ କରାଯାଇଥିଲା।

### ୮୪ ଅଭିଯୋଗର ସମାଧାନ

**ତିହିଡ଼ି, ୨୩।୯ (ଡି.ଏନ.ଏ.)**

ତିହିଡ଼ି ବ୍ଲକ କାର୍ଯ୍ୟାଳୟ ପରିସରସ୍ଥିତ କୃଷି ସୂଚନା ଓ ପରାମର୍ଶକେନ୍ଦ୍ର ସଭାଗୃହରେ ସୋମବାର ମହାସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବିଭିନ୍ନ ଅଞ୍ଚଳରୁ ହୋଇଥିବା ୮୪ ଅଭିଯୋଗର ସମାଧାନ କରାଯାଇଥିଲା। ମୁଖ୍ୟତଃ ପ୍ରଧାନମନ୍ତ୍ରୀ ଆବାସ, ରାଶନ କାର୍ଡ଼ ଓ ଭତ୍ତା ସମ୍ବନ୍ଧୀୟ ଅଭିଯୋଗ ହୋଇଥିଲା। ଜିଲାପାଳ ଜ୍ଞାନ ଦାସ, ଏସ୍‌ପି ରାଜେଶ ପଣ୍ଡିତ, ଉପଜିଲାପାଳ ପୀତାମ୍ବର ସାମଲ, ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଦୀପ ଖୁଣ୍ଟିଆ, ଜିଲା ଶିକ୍ଷାଧିକାରୀ ସଂଗ୍ରାମ ସାହୁ, ଜଳ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ରାମକୃଷ୍ଣ ମିଶ୍ର, ତହସିଲଦାର ଅନିତା ନାୟକ, ବିଡିଓ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ ଏବଂ ବ୍ଲକ ଅଧ୍ୟକ୍ଷା ବିଦ୍ୟୁତଲତା ନାୟକ ପ୍ରମୁଖ ଅଭିଯୋଗଗୁଡ଼ିକର ସମାଧାନ କରିଥିଲେ। ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ରଞ୍ଜନ କୁମାର ଦାସ, ବ୍ଲକ ଶିକ୍ଷାଧିକାରୀ ଉଦୟ ନାରାୟଣ ଦାଶ, ସହକାରୀ କୃଷି ଅଧିକାରୀ ଅନ୍ତର୍ଯ୍ୟାମୀ ଧୀର, ଜଳ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ଖଗେନ୍ଦ୍ର ପ୍ରସାଦ ବେହେରା ଓ ମାନସୀ ମହାପାତ୍ର, ବ୍ଲକ ସହକାରୀ ଯନ୍ତ୍ରୀ ରଶ୍ମିରଞ୍ଜନ ମହାପାତ୍ର, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଜ୍ଞାନେନ୍ଦ୍ର ସାମଲ, ଯୋଗାଣ ନିରୀକ୍ଷକ ହରପ୍ରିୟା ସାହୁ, ସିଡିପିଓ ଇନ୍ଦୁରେଖା ନାୟକ ଓ ଆଇଆଇସି ରମେଶ ଚନ୍ଦ୍ର ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ବନ୍ଦଘରୁ ଅପହୃତା ଛାତ୍ରୀ ଉଦ୍ଧାର ଅପହରଣକାରୀ ଫେରାର

**ଚାନ୍ଦବାଲି, ୨୩।୯ (ଡି.ଏନ.ଏ.)**

ଚାନ୍ଦବାଲି ଥାନା ଅଞ୍ଚଳର ଜଣେ ୧୦ମ ଶ୍ରେଣୀ ଛାତ୍ରୀଙ୍କୁ ରବିବାର ଅପରାହ୍ନରେ ଅପହରଣ କରାଯାଇଥିଲା। ଏହାର କିଛି ସମୟ ପରେ ଏକ ବନ୍ଦ ଘରୁ ଛାତ୍ରୀଙ୍କୁ ପାଟି ଓ ହାତ ବନ୍ଧା ହୋଇଥିବା ଅବସ୍ଥାରେ ଉଦ୍ଧାର କରାଯାଇଛି। ପରେ ଏ ନେଇ ଛାତ୍ରୀଙ୍କ ମା'ଙ୍କ ଅଭିଯୋଗକୁ ଭିତ୍ତିକରି ଚାନ୍ଦବାଲି ଥାନା ପୋଲିସ ଏକ ମାମଲା(ନଂ. ୨୨୭/୧୯) ରୁଜୁ କରି ତଦନ୍ତ ଚଳାଇଛି। ଘଟଣାରେ ସମ୍ପୃକ୍ତ ଦୁଇ ଅପହରଣକାରୀ ଫେରାର ଥିବା ପୋଲିସ କହିଛି। ଅଭିଯୋଗ ଅନୁଯାୟୀ, ଛାତ୍ରୀ ଜଣଙ୍କ ତାଙ୍କ ସାନଭଉଣୀ ସହ ଚାନ୍ଦବାଲି ବଜାରକୁ ବହି କିଣିବାକୁ ଆସିଥିବା ବେଳେ ଏପରି ଘଟିଥିଲା। ତହସିଲ ନିକଟସ୍ଥ ଏକ ଗଳି ରାସ୍ତାରେ ସେ ଠିଆ ହୋଇଥିଲେ। ଦୁଇଜଣ ଦୁର୍ବୃତ୍ତ ଆସି ଜୋରଜବରଦସ୍ତ ଛାତ୍ରୀଙ୍କୁ ଟେକି ନେଇ ସ୍ଥାନୀୟ ଏକ ଘରେ ତାଲା ପକାଇ ଫେରାର ହୋଇଯାଇଥିଲେ। ଘଟଣାସ୍ଥଳରେ ଛାତ୍ରୀଙ୍କ ସାନ ଭଉଣୀ ପାଟି କରିବାରୁ ସ୍ଥାନୀୟ ଲୋକେ ଯାଇ ବନ୍ଦ ଘରୁ ତାଲା କାଟି ଛାତ୍ରୀଙ୍କୁ ଉଦ୍ଧାର କରିଥିଲେ। ଏକ ଗାମୁଛାରେ ଛାତ୍ରୀଙ୍କ ପାଟି ଓ ହାତ ବନ୍ଧା ହୋଇଥିଲା।

# ‘ଐତିହାସିକ ଜଗନ୍ନାଥ ଚିରସ୍ମରଣୀୟ’

**ବାସୁଦେବପୁର, ୨୩।୯ (ଡି.ଏନ.ଏ.)**

ବାସୁଦେବପୁର ମିରାକିଲ୍ ପବ୍ଲିକ ସ୍କୁଲ ପରିସରରେ ଜଗନ୍ନାଥ ପଟ୍ଟନାୟକ ସ୍ମୃତି ସଂସଦ ଆନୁକୂଲ୍ୟରେ ଐତିହାସିକ ପ୍ରଫେସର ଡ. ଜଗନ୍ନାଥ ପଟ୍ଟନାୟକଙ୍କ ୧୭ତମ ଶ୍ରାଦ୍ଧ ଦିବସରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଅଧ୍ୟକ୍ଷ ଭାଗୀରଥି ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ସ୍ୱର୍ଗତ ପଟ୍ଟନାୟକ ଯେଉଁ ଇତିହାସ ରଚନା କରିଛନ୍ତି ତାହା ତାଙ୍କୁ ଚିରସ୍ମରଣୀୟ କରି ରଖିବ। ତାଙ୍କ ପାଇଁ ବାସୁଦେବପୁର ମାଟି ଗର୍ବିତ। ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପିକା ନୀଳିମା ପାଢୀ ଯୋଗ ଦେଇଥିଲେ। ସ୍ମୃତି ସଂସଦର ସଭାପତି, ସ୍କୁଲ ଅଧ୍ୟକ୍ଷ ଦୁଃଶାସନ ରାଉତ ଅଧ୍ୟକ୍ଷତା କରିଥିଲେ। ପୂର୍ବତନ ପ୍ରଧାନଶିକ୍ଷକ ସୁଧାଂଶୁ ଶେଖର ମିଶ୍ର, ଇଂ. ମାଧବଚନ୍ଦ୍ର ମହାନ୍ତି, ଅଧ୍ୟାପକ ଡ. ବସନ୍ତ ଦାସ, ଡ. ପ୍ରତାପ ନାୟକ, ସ୍ନିଗ୍ଧା ମହାନ୍ତି, ରତ୍ନାକର ବରି, ଅଶୋକ ଦାସ, କିଶୋର ମହାପାତ୍ର, ପ୍ରହ୍ଲାଦ ବାରିକ, ଅଭିମନ୍ୟୁ ବେହେରା, ମହେଶ ଦାଶ ପ୍ରମୁଖ ଯୋଗଦେଇଥିଲେ। ସ୍ୱର୍ଗତ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ସ୍ମରଣିକା ‘ଆଧୁନିକ ଓଡ଼ିଶାର କୃତବିଦ୍ୟ ସନ୍ତାନ’ ଉନ୍ମୋଚିତ ହୋଇଥିଲା। ସ୍ମୃତି ସଂସଦ ସମ୍ପାଦକ ରାହାସ ବିହାରୀ ମହାନ୍ତି ଧନ୍ୟବାଦ ଦେଇଥିଲେ।



ସ୍ମୃତିସଭାରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

## ଟୁଇଟ୍ ପରେ ବି ହେଲାନି ତଦନ୍ତ

### ଅଭିଯୋଗ କଲେ ଗ୍ରାମବାସୀ

**ଭଦ୍ରକ ଅଫିସ, ୨୩।୯**

ଭଦ୍ରକ ବ୍ଲକ ଦଇସିଂ ପଞ୍ଚାୟତର ନିର୍ମାଣାଧୀନ କମ୍ୟୁନିଟି ସେଣ୍ଟର କାର୍ଯ୍ୟ ନିମ୍ନମାନର ହେଉଥିବା ନେଇ ବିଭିନ୍ନ ୱାର୍ଡର ଲୋକ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଏଷ୍ଟିମେଟ୍ ଅନୁଯାୟୀ ଏହି କାର୍ଯ୍ୟ ହେଉ ନ ଥିବା ଦର୍ଶାଇ ଜିଲାପାଳ, ପିଡି, ବିଡିଓ ଏବଂ ପଞ୍ଚାୟତିରାଜ ମନ୍ତ୍ରୀଙ୍କୁ ଟୁଇଟ୍ ଯୋଗେ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ପ୍ରଥମେ ଗତ ୫ ଓ ପରେ ୧୯ ତାରିଖରେ ଟୁଇଟ୍ କରି ଏବଂ ୧୬ରେ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଏ ନେଇ ଲିଖିତ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଜିଲାପାଳ ପିଡିଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ବର୍ତ୍ତମାନ ସୁଦ୍ଧା କୌଣସି ଅଧିକାରୀ ତଦନ୍ତ ପାଇଁ ଯାଇ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସୋମବାର ସେମାନେ ପୁଣି ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ରଙ୍କ ନିକଟରେ ଅଭିଯୋଗ କରିଛନ୍ତି।

## ବିଦ୍ୟାଳୟ ଗୃହ ଶିଳାନ୍ୟାସ

**ଧାମନଗର, ୨୩।୯ (ଡି.ଏନ.ଏ.)**

ଧାମନଗର ବ୍ଲକ ଡାଙ୍ଗୁଆପାଟଣା ପ୍ରକଳ୍ପ ବିଦ୍ୟାଳୟରେ ଶ୍ରେଣୀଗୃହ ନିର୍ମାଣ ପାଇଁ ସୋମବାର ଶିଳାନ୍ୟାସ ହୋଇଯାଇଛି। ବିଧାୟକ ବିଷ୍ଣୁ ସେଠୀ ଶିଳାନ୍ୟାସ କରିଥିଲେ। ଦୋବଲ ଜିଲା ପରିଷଦ ମନୋରଞ୍ଜନ ମଲ୍ଲିକ, ସାମାଜିକ କର୍ମୀ ଅରବିନ୍ଦ ପତି, ସରପଞ୍ଚ ପ୍ରମୋଦ ସୂତାର, ସମିତିସଭ୍ୟ ମନୋରମା ମଲିକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁଶାନ୍ତ ଖଣ୍ଡୁଆଳ, ଭରତ ମିଶ୍ର, ଅଖିଳ ଜେନା, କାଳନ୍ଦୀ ଖଣ୍ଡୁଆଳ ଓ ଚକ୍ରଧର ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ୧୭ ଲକ୍ଷ ୬୦ ହଜାର ଟଙ୍କା ବ୍ୟୟବରାଦରେ ସୋମବାର କାର୍ଯ୍ୟର ଶୁଭାରମ୍ଭ ହୋଇଛି। ପରେ ବିଧାୟକ ସେଠୀ କିଲାଟେଶ୍ୱର ମହାଦେବ ମନ୍ଦିର ପରିଦର୍ଶନ କରି ବିଭିନ୍ନ ଉନ୍ନତିକରଣ ନେଇ ପୂଜକ ଏବଂ କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରିଥିଲେ।



ଶିଳାନ୍ୟାସ କାର୍ଯ୍ୟକ୍ରମରେ ବିଧାୟକ ବିଷ୍ଣୁ ସେଠୀ ଓ ଅନ୍ୟମାନେ।

### ଯୁବତୀଙ୍କ ଆତ୍ମହତ୍ୟା

**ବନ୍ତ, ୨୩।୯ (ଡି.ଏନ.ଏ.)**

ବନ୍ତ ବ୍ଲକ କ୍ଷେତ୍ରତୀରା ପଞ୍ଚାୟତ ରାଧାନଗର ଗ୍ରାମର ଜୁଲି ବିଶ୍ୱାଳ ନାମ୍ନୀ ଜଣେ ଯୁବତୀ ସୋମବାର ବେକରେ ଓଢ଼ଣୀ ଲଗାଇ ଆତ୍ମହତ୍ୟା କରିଥିବା ଜଣାଯାଇଛି। ଖବର ପାଇ ବନ୍ତ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୯/୧୯) ରୁଜୁ କରାଯାଇଛି। ମୃତା ଜୁଲିଙ୍କ ପରିବାର ଲୋକଙ୍କ ସୂଚନା ଅନୁଯାୟୀ, ଜୁଲି କିଛି ବର୍ଷ ହେବ ମାନସିକ ରୋଗରେ ପୀଡ଼ିତ ଥିଲେ। ସୋମବାର ପୂର୍ବାହ୍ନରେ ଘରେ କେହି ନ ଥିବାବେଳେ ସେ ନିଜର ଓଢଣି ସହାୟତାରେ ଆତ୍ମହତ୍ୟା କରିଛନ୍ତି।

## ମାନସିକ ବିକାରଗ୍ରସ୍ତ ଯୁବତୀଙ୍କୁ ଦୁର୍ବ୍ୟବହାର

# ଛେଚା ଖାଇଲେ ୩ ଯୁବକ

**ଚାନ୍ଦବାଲି, ୨୩।୯ (ଡି.ଏନ.ଏ.)**

ଚାନ୍ଦବାଲି ବ୍ଲକ କରଞ୍ଜମାଳ ଛକରେ ରବିବାର ବିଳମ୍ବିତ ରାତିରେ ଜଣେ ମାନସିକ ବିକାରଗ୍ରସ୍ତ ଯୁବତୀଙ୍କୁ ଦୁର୍ବ୍ୟବହାର କରି ୩ ଯୁବକ ଛେଚା ଖାଇଛନ୍ତି। ସୂଚନା ଅନୁସାରେ, ରାତିରେ ଉକ୍ତ ଯୁବତୀ ବୁଲୁଥିବା ବେଳେ ଏହି ଯୁବକମାନେ ଏକ ସ୍କୁଟିରେ ଆସି ତାଙ୍କୁ ଖରାପ ବ୍ୟବହାର ଦେଖାଇଥିଲେ। ଯୁବତୀ ଜଣଙ୍କ ପାଟି କରିବାରୁ ସ୍ଥାନୀୟ ଲୋକେ ସେଠାରେ ପହଞ୍ଚିଥିଲେ। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ସହିତ ସମ୍ପୃକ୍ତ ଯୁବକମାନଙ୍କର ପାଟିତୁଣ୍ଡ ହୋଇଥିଲା। ପରେ ସେମାନେ ସେଠାରୁ ଚାଲି ଯାଇଥିଲେ। ସୋମବାର ସନ୍ଧ୍ୟାରେ ସ୍ଥାନୀୟ ଲୋକ ଏକାଠି ହୋଇ ୩ ଯୁବକଙ୍କୁ ବାନ୍ଧି ନିସ୍ତୁକ ପିଟିଥିଲେ। ଏ ନେଇ ଥାନାରେ ଅଭିଯୋଗ ହୋଇନାହିଁ।

## ନବାଗତ ବିଦ୍ୟାର୍ଥୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ଭଣ୍ଡାରିପୋଖରୀ, ୨୩।୯ (ଡି.ଏନ.ଏ.)**

ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରିରୋଡସ୍ଥିତ ନାଆଁମୀ ମହାବିଦ୍ୟାଳୟର ଯୁକ୍ତ ୩ ଦ୍ୱିତୀୟ ଓ ତୃତୀୟ ବର୍ଷର ଓଡ଼ିଆ ସମ୍ମାନ ବିଭାଗ ପକ୍ଷରୁ ସୋମବାର ୧ମ ବର୍ଷ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ସନ୍ତୋଷ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ସାହିତ୍ୟର ଛାତ୍ରୀଛାତ୍ର ସଂସ୍କାରୀ ଓ ଶୃଙ୍ଖଳିତ ହେବା ସହିତ ଜଣେ ଜଣେ ସୁନାଗରିକ ହୋଇପାରିଲେ ମହାବିଦ୍ୟାଳୟ ଏବଂ ଅଞ୍ଚଳର ଯଶ ବଢ଼ାଇବାରେ ସହାୟକ ହେବ ବୋଲି ମତପ୍ରକାଶ ପାଇଥିଲା। ନକାରାତ୍ମକ ଚିନ୍ତାଧାରାଠାରୁ ଦୂରେଇ ଅଧ୍ୟବସାୟ ଦ୍ୱାରା ସଫଳତା ହାସଲ କରିବାକୁ ବରିଷ୍ଠ ଅଧ୍ୟାପକ ଅକ୍ଷୟ ସାହୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ବିଭାଗୀୟ ମୁଖ୍ୟ କରୁଣାକର ପାତ୍ର, ଅଧ୍ୟାପକ ରାମଚନ୍ଦ୍ର ମହାନ୍ତି, ବିନାୟକ ଘୋଷ, ଅଶୋକ ଦାସ ଓ ସୋମନାଥ ପଣ୍ଡା ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ଓଡ଼ିଆ ବିଭାଗ ପକ୍ଷରୁ ଶକୁନ୍ତଳା ବାରିକ ଓ ତପସ୍ୱିନୀ ପଣ୍ଡାଙ୍କୁ ପ୍ରଥମ ବର୍ଷର ଶ୍ରେଷ୍ଠ ନବାଗତା ଛାତ୍ରୀ ଭାବେ ପୁରସ୍କୃତ କରାଯାଇଥିଲା। କରୁଣାକର ପାତ୍ର ଅତିଥି ପରିଚୟ ପ୍ରଦାନ ଓ ଛାତ୍ରୀ ଦୀପ୍ତିମୟୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ବରପଦା ବଜାରରେ ଡ୍ରେନେଜ ସମସ୍ୟା

**ଭଦ୍ରକ ଅଫିସ, ୨୩।୯**



ପୋତିହୋଇ ପଡ଼ିଥିବା ଡ୍ରେନ୍।

- ପୋତିହୋଇ ଜବରଦଖଲକାରୀଙ୍କ ଅକ୍ତିଆରରେ
- ହୋଇପାରୁନି ଜଳ ନିଷ୍କାସନ
- ସମାଧାନ ପାଇଁ ଜିଲାପାଳଙ୍କୁ ଦାବିପତ୍ର

ଭଦ୍ରକ ସହର ଉପକଣ୍ଠ ବରପଦା ବଜାରରେ ଦୀର୍ଘବର୍ଷ ଧରି ଡ୍ରେନେଜ ସମସ୍ୟା ଲାଗି ରହିଛି। ବଜାରର ଉଭୟପାର୍ଶ୍ୱରେ ଡ୍ରେନେଜ ବ୍ୟବସ୍ଥା ଥିଲେ ମଧ୍ୟ ପୋତିହୋଇ ଏବେ ଜବରଦଖଲକାରୀଙ୍କ ଅକ୍ତିଆରରେ ରହିଛି। ଫଳରେ ସାମାନ୍ୟ ବର୍ଷା ହେଲେ ପାଣି ନିଷ୍କାସନ ହୋଇ ନ ପାରି ଚାଷଜମିରେ ଜମି ରହୁଥିବାରୁ ଚାଷକାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଏ ନେଇ ୪ ବର୍ଷ ଧରି ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇ ୨୦୧୫ ଅକ୍ଟୋବର ୭ ତାରିଖରେ ୧୨ ଘଣ୍ଟିଆ ରାସ୍ତାରୋକୋ କରାଯାଇଥିଲା। ସେତେବେଳେ ଭଦ୍ରକ ତହସିଲ ପ୍ରଶାସନ ଓ ଗ୍ରାମାଞ୍ଚଳ ଥାନା ପୋଲିସ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଇ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ଏହାମଧ୍ୟରେ ୪ ବର୍ଷ ବିତିଯାଇଥିଲେ ମଧ୍ୟ ଉକ୍ତ ସମସ୍ୟାର ସମାଧାନ ହୋଇପାରି ନାହିଁ। ଆଗାମୀ ଦିନରେ ଡ୍ରେନେଜ ବ୍ୟବସ୍ଥାରେ ସୁଧାର ଅଣା ନ ଗଲେ ପୁଣିଥରେ ରାସ୍ତାରୋକୋ କରାଯିବ ବୋଲି ଚେତାବନୀ ଦିଆଯାଇଛି। ବରପଦା ବଜାରର ବନ୍ତ ଓ ଆଗରପଡ଼ା ରାସ୍ତାର ଉଭୟପାର୍ଶ୍ୱ ନୟନଯୋରି ଦୀର୍ଘଦିନ ଧରି ସମ୍ପୂର୍ଣ୍ଣ ଅବରୋଧ ହୋଇଯାଇଥିବା କାରଣରୁ ବନ୍ୟା ସମୟରେ ୪ଟି ମୌଜାର ପ୍ରାୟ ୩୦୦ ଏକରରୁ ଊର୍ଦ୍ଧ୍ୱ ଚାଷଜମିରେ ପାଣି ଜମି ରହୁଛି। ଏହାଦ୍ୱାରା ଚାଷ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଉଥିବା ଯୁଧିଷ୍ଠିର ରାଉତ, ମୁରଲୀଧର ବେହେରା, ମୁକ୍ତିକାନ୍ତ ପାଢୀ, ଗଣେଶ ମହାପାତ୍ର, ସଂଗ୍ରାମ ନାୟକ, ମଦନ ସାମଲ ପ୍ରମୁଖ ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସମସ୍ୟାର ସମାଧାନ ପାଇଁ ସେମାନେ ଜିଲାପାଳ ଜ୍ଞାନ ଦାସଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

## ■ ଖୋଲୁଛି ସେକ୍ ରାଜାଙ୍କ ବ୍ରାଉନ୍ ସୁଗାର କାରବାର ଗୁମର

# ମୁଖ୍ୟ ସହାୟକ ଭାଉଜ, ପୋଲିସ ଓ ଆଇନଜୀବୀ

**ବାଲେଶ୍ୱର ଅଫିସ, ୨୩।୯**



## ର୍‍ୟାକେଟରେ ସମ୍ପୃକ୍ତ ଥିଲେ ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ଯୁବକ

ବାଲେଶ୍ୱରର ବ୍ରାଉନ୍ସୁଗାର ଡିଲର ସେକ୍ ରାଜା କିଭଳି ନିଶା ସାମ୍ରାଜ୍ୟର ବିସ୍ତାର ତିଆରି କରିଥିଲେ, ସେ ନେଇ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କଫୋର୍ସ (ଏସ୍‌ଟିଏଫ୍) ଅନେକ ଚାଞ୍ଚଲ୍ୟକର ତଥ୍ୟ ହାସଲ କରିପାରିଛି। ଗତ ୧୬ ତାରିଖରେ ତାଙ୍କୁ ଭୁବନେଶ୍ୱର ଖଣ୍ଡଗିରି ଥାନା ଅଧୀନ ଯଦୁପୁର ଅଞ୍ଚଳରୁ ଗିରଫ କରାଯାଇଥିଲା। କୋର୍ଟ ଚାଲାଣ ପରେ ଗତ ବୁଧବାର ଏସ୍‌ଟିଏଫ୍ ତାଙ୍କୁ କୋର୍ଟରୁ ୭ ଦିନିଆ ରିମାଣ୍ଡରେ ନେଇ ପଚରାଉଚୁରା କରି ଅଧିକ ତଦନ୍ତ ଜାରି ରଖିଛି।

୧୨ବର୍ଷ ପୂର୍ବରୁ ଗୋଆରେ ହୋଟେଲ ବୟ ଭାବରେ କାର୍ଯ୍ୟ କରୁଥିବା ସେକ୍ ରାଜା ଆଜି ଅନ୍ତଃରାଷ୍ଟ୍ରୀୟ ବ୍ରାଉନ୍ସୁଗାର ମାଫିଆ ପାଲଟିବା ସହ ୧୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ସମ୍ପତ୍ତିର ମାଲିକ ହୋଇପାରିଛନ୍ତି। ଏହାପଛରେ ତାଙ୍କର ଜଣେ ଭାଉଜ ମୁଖ୍ୟ ସହାୟକ ଭାବେ କାର୍ଯ୍ୟ କରୁଥିଲେ। ବ୍ୟବସାୟିକ କାରବାର ଓ କୌଶଳରେ ସେ ସହାୟତା କରିବା ସହ ଜିଲା ପୋଲିସଠାରୁ ଖସିଯିବା ଲାଗି ରାଜାଙ୍କୁ ସୂଚନା ଦେଉଥିଲେ। ନିର୍ଦ୍ଦିଷ୍ଟ ମାସିକ ବେତନ ନେଇ ଜଣେ ଆଇନଜୀବୀ ମଧ୍ୟସ୍ଥି କାରବାର କରୁଥିଲେ। ଏହି ରାକେଟ୍‌ରେ ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ଯୁବକ କାମ କରୁଥିଲେ। ସେମାନେ ପଶ୍ଚିମବଙ୍ଗ, ନେପାଳ, ବାଂଲାଦେଶକୁ ଯାଇ ବ୍ରାଉନ୍ସୁଗାର ଆଣି ବାଲେଶ୍ୱରରୁ ରାଜ୍ୟର ଅନ୍ୟ ଜିଲାକୁ ଚାଲାଣ କରୁଥିଲେ ବୋଲି ଏସ୍‌ଟିଏଫ୍ ସୂତ୍ରରୁ ଜଣାପଡିଛି। ସେକ୍ ରାଜାଙ୍କ ବ୍ରାଉନ୍ସୁଗାର ବେପାର ଲିଙ୍କ୍‌ରେ କେତେକ ବଡ଼ ବଡ଼ ପୋଲିସ ଅଧିକାରୀ, ରାଜନୈତିକ ନେତାଙ୍କର ସମ୍ପୃକ୍ତି ଥିବା ନେଇ ଚର୍ଚ୍ଚା ହେଉଥିବା ଅନ୍ୟ ଏକ ସୂତ୍ରରୁ ଜଣାପଡିଛି। ଏସ୍‌ଟିଏଫ ଏସବୁର ପର୍ଦ୍ଦାଫାସ କରିବାରେ କେତେଦୂର ସଫଳ ହେଉଛି ତାହା ଉପରେ ସମସ୍ତଙ୍କ ନଜର ରହିଛି। ଶନିବାର ସହଦେବଖୁଣ୍ଟା ଥାନା ଅଧୀନ ବିଚାରଗଞ୍ଜ ଫାଣ୍ଡି ହାବିଲଦାର ରଞ୍ଜନ ସାହୁଙ୍କୁ ଏସ୍‌ଟିଏଫ୍ ଗିରଫ କରି ୫ ଦିନିଆ ରିମାଣ୍ଡରେ ନେଇ ପଚରାଉଚୁରା କରୁଥିବା ଜଣାପଡିଛି।



ଅରଡ଼ ବଜାର ଅଞ୍ଚଳରେ ଥିବା ସେକ୍ ରାଜାଙ୍କ ଦୁଇ ତାଲା ବିଶିଷ୍ଟ କୋଠା।

### ୨ ତାଲା କୋଠାରେ ଥିଲା କଣ୍ଟ୍ରୋଲ ରୁମ୍

ବାଲେଶ୍ୱରର ଅରଡ଼ବଜାର ଅଞ୍ଚଳକୁ ସେକ୍ ରାଜା ବ୍ରାଉନସୁଗାର ହବ୍‌ରେ ପରିଣତ କରିଥିଲେ। ମସଜିଦ୍ ଗଳିରେ ଥିବା ୨ ତାଲା ବିଶିଷ୍ଟ କୋଠାରେ ତାଙ୍କ ପରିବାର ଲୋକେ ରହୁଥିଲେ। ସେଠାରେ ସିସି କ୍ୟାମେରା ଲଗାଇ କଣ୍ଟ୍ରୋଲ ରୁମ୍ ଜରିଆରେ ସେହି ଅଞ୍ଚଳକୁ ଆସୁଥିବା ପୋଲିସ, ଅଜଣାଲୋକ ଏବଂ ବ୍ୟବସାୟୀଙ୍କ ଗତିବିଧି ଉପରେ ଲକ୍ଷ୍ୟ ରଖାଯାଉଥିଲା। ସ୍ୱତନ୍ତ୍ର ମାସିକ ବେତନରେ କଣ୍ଟ୍ରୋଲ ରୁମ୍‌ରେ କେତେକ ଯୁବକଙ୍କୁ ନିଯୁକ୍ତି ଦିଆଯାଇଥିଲା। ଏହା ସାହାଯ୍ୟରେ ଚାଲିଥିଲା ଅବାଧରେ ବ୍ରାଉନ ସୁଗାର ବେପାର। ସେକ୍ ରାଜା ଅଧିକାଂଶ ସମୟରେ ବାହାରେ ରହି ନେଟୱର୍କ କାର୍ଯ୍ୟ ପରିଚାଳନା କରୁଥିଲେ।

### ରେଳ ଷ୍ଟେଶନ ପାଖରେ ଥିଲା ଆଡ୍ଡା

ପୋଲିସକୁ ଚକ୍‌ମା ଦେବା ପାଇଁ ସେକ୍ ରାଜାଙ୍କ ରାକେଟ ବ୍ରାଉନ୍ସୁଗାର ଚାଲାଣ ଲାଗି ରେଳପଥକୁ ମାଧ୍ୟମ କରିଥିଲା। ସେମାନେ ସଡକ ଓ ଜଳପଥକୁ ସୁରକ୍ଷିତ ମନେ ନ କରି ଟ୍ରେନ ଯୋଗେ ବ୍ରାଉନ୍ସୁଗାର ନେବା ଆଣିବା କରୁଥିଲେ। ଏଥିଲାଗି ସେକ୍ ରାଜା ବାଲେଶ୍ୱର ସମେତ ବିଭିନ୍ନ ରେଳ ଷ୍ଟେଶନ ପାଖରେ ନିଜର ଆଡ୍ଡା ବନାଇଥିଲେ। ସେମାନଙ୍କ ସୁରାକ ପାଇବା ପୋଲିସ ସକାଶେ କାଠିକର ପାଠ ହୋଇପଡିଥିଲା। ପୋଲିସ ଓ ଅବକାରୀ ବିଭାଗ ଚଢାଉ କରି ବିଭିନ୍ନ ସ୍ଥାନରୁ ଭିନ୍ନ ଭିନ୍ନ ସମୟରେ ବ୍ରାଉନସୁଗାର ଜବତ କରିବା ସହ ଚାଲାଣକାରୀଙ୍କୁ ଧରୁଥିଲେ ମଧ୍ୟ ଅସଲ ବେପାରୀଙ୍କ ପାଖରେ ପହଞ୍ଚି ପାରୁ ନ ଥିଲା। ଗତ କିଛିବର୍ଷ ମଧ୍ୟରେ ବାଲେଶ୍ୱରରେ ବ୍ରାଉନ୍ସୁଗାର କାରବାର ବୃଦ୍ଧି ପୋଲିସ,ଅବକାରୀ ବିଭାଗ ଓ ପ୍ରଶାସନର ନିଦ ହଜାଇଥିଲା।

### ୧୨ବର୍ଷ ଧରି ଚାଲିଥିଲା କଳା ବେପାର

ସେକ୍ ରାଜା ଦୀର୍ଘ ୧୨ବର୍ଷ ଧରି ଏହି କଳା ବ୍ୟବସାୟ ଚଳାଇଆସୁଥିଲେ ବୋଲି ଏସ୍‌ଟିଏଫ୍‌କୁ ସୂଚନା ମିଳିଛି। ଏହାମଧ୍ୟରେ ସେ ମାତ୍ର ଥରୁଟିଏ ପୋଲିସ ହାତରେ ଧରାପଡ଼ିଥିବା ରେକର୍ଡ଼ ରହିଛି। ବ୍ରାଉନ୍ସୁଗାର ବେପାରରେ ଧରାପଡୁଥିବା ସହଯୋଗୀଙ୍କୁ ସେକ୍ ରାଜା ଚତୁରତାର ସହ ଜାମିନ ଆବେଦନ କରି ମୁକୁଳାଇ ନେଉଥିଲେ। ଏପରିକି ଭୁବନେଶ୍ୱରରେ ଥିବା ଏକ ଟିମ୍‌ର କେତେକ ସଦସ୍ୟଙ୍କ ସହାୟତାରେ ବ୍ରାଉନ୍ସୁଗାରକୁ 'ପାଉଁଶ' ଭାବେ ରିପୋର୍ଟ ପ୍ରସ୍ତୁତ କରି ଆଣୁଥିଲେ। ଏଥିପାଇଁ ସେ ମୋଟାଅଙ୍କର ଅର୍ଥ ଯୋଗାଇ ଦେଉଥିଲେ।

### ଚାଲିଛି ସମ୍ପତ୍ତିର ହିସାବ

ବ୍ରାଉନ୍ସୁଗାର ଡିଲର ରାଜା ଧରାପଡ଼ିବା ପରେ ଏସ୍‌ଟିଏଫ୍ ଟିମ୍ ଏଭଳି ଅନେକ ତଥ୍ୟ ହାସଲ କରିବା ସହ ତାଙ୍କ ସମ୍ପତ୍ତିର ଆକଳନ କରିବାରେ ଲାଗିଛି। ଏଯାଏ ୧୦୦କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତିର ହିସାବ ଏସ୍‌ଟିଏଫ୍‌କୁ ମିଳିଛି। ବାଲେଶ୍ୱର ସହରରେ ଗଳାପୋଲ, ତେଲେଙ୍ଗାସାହି, ଫୁଲାଡ଼ି, ଜଳେଶ୍ୱର ଓ ପଶ୍ଚିମବଙ୍ଗର ଖଡ଼ଗପୁରଠାରେ ତାଙ୍କର ନିଜସ୍ୱ ଫ୍ଲାଟ୍ ଏବଂ କୋଠାଘର ରହିଛି। ଗତ ୧୮ତାରିଖରେ ମସଜିଦ୍ ଗଳିରେ ଥିବା ତାଙ୍କ ୨ ତାଲା ବିଶିଷ୍ଟ କୋଠାରେ ଏସଟିଏଫ୍ ଚଢାଉ କରି ୪ଟି ସିସି କ୍ୟାମେରା ଓ ହାର୍ଡ ଡିସ୍କ ଜବତ କରିଥିଲା। ରବିବାର ତାଙ୍କ ବାସଭବନ ସମେତ ଜଳେଶ୍ୱରସ୍ଥିତ ଶ୍ୱଶୁର ଘର ଉପରେ ଚଢ଼ାଉ କରି ଦୁଇଟି ଦାମୀ ଗାଡ଼ି ସହ ନଗଦ ୬୦ହଜାର ଟଙ୍କା ଜବତ କରିଥିଲା। ସୋମବାର ସହଦେବଖୁଣ୍ଟା ମଡ଼େଲ ଥାନା ତେଲେଙ୍ଗାସାହିର 'ସମ୍ବେଦନା ଏନ୍‌କ୍ଲେଭ୍' ଆପାର୍ଟମେଣ୍ଟରେ ରାଜାଙ୍କ ନାମରେ ଥିବା ଫ୍ଲାଟ୍ ଉପରେ ଟିମ୍ ଚଢ଼ାଉ କରିଛି।

## 'ବିଦଗ୍ଧ କାଣ୍ଡାରୀ' ଉନ୍ମୋଚିତ

**ବାଲିଆପାଳ, ୨୩।୯ (ଡି.ଏନ.ଏ.):** ସୁସାହିତ୍ୟିକ, ଗବେଷକ ତଥା ଶିକ୍ଷାବିତ୍ ଅଧାପକ ସୁକାନ୍ତ ଗିରିଙ୍କ ତଥ୍ୟ ଓ ଗବେଷଣା ଭିତ୍ତିକ ଗ୍ରନ୍ଥ 'ବିଦଗ୍ଧ କାଣ୍ଡାରୀ'ରବିବାର ବାଲିଆପାଳ ବ୍ଲକ କାଳିପଦାସ୍ଥିତ ଲତାଯୋଡି ସଂସ୍କୃତ କଲେଜ ପରିସରରେ ଉନ୍ମୋଚିତ ହୋଇଯାଇଛି। ରେବତୀ ପତ୍ରିକାର ସମ୍ପାଦିକା ସୁବାସିନୀ ଜେନା, ସ୍ତମ୍ଭ ଲେଖକ, କାଳୀକିଙ୍କର ଦାସ ପ୍ରମୁଖ ଏହାକୁ ଉନ୍ମୋଚନ କରି ଏହାର ସାରସ୍ୱତ ମୂଲ୍ୟାୟନ କରିଥିଲେ। କଲେଜ ଅଧକ୍ଷ ପଣ୍ଡିତ ପ୍ରିୟ ବ୍ରତ ପଣ୍ଡା, ସମୟଚକ୍ରର ସମ୍ପାଦକ ସର୍ବେଶ୍ୱର ଜେନା, ପତଙ୍ଗ ପ୍ରତିଷ୍ଠାନର ସମ୍ପାଦକ ନଳିନୀକାନ୍ତ ପାଢୀ, ପୂର୍ବତନ ଜିଲାପରିଷଦ ସଦସ୍ୟ ଅଜୟ କୁମାର ସାହୁ, ଭଜନ ଗାୟକ ଜୟନ୍ତ ପାଣିଗ୍ରାହୀ, ପ୍ରାବନ୍ଧିକ ଗୌରହରି ପ୍ରହରାଜ, ବିଜୟ ଜୀ, ଅଧାପକ ଅଶ୍ୱିନୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ବିଧାୟକଙ୍କ ସମୀକ୍ଷା

**ସଜନାଗଡ଼, ୨୩।୯(ଡି.ଏନ.ଏ.):** ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ସୋମବାର ଏନଏସି କାର୍ଯ୍ୟାଳୟରେ ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏନ୍‌ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ଅଜୟ କୁମାର ମହାପାତ୍ର, କନିଷ୍ଠଯନ୍ତ୍ରୀ ସୁଶାନ୍ତ କୁମାର ବେହେରା ଏବଂ ସହକର୍ମୀ ବିଜୟ କୁମାର ଦାସ ଉପସ୍ଥିତ ଥିଲେ। ବିଧାୟକ ଇଂ. ନାୟକ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କା ଘର, ଭତ୍ତା, ବିଭିନ୍ନ ପ୍ରକଳ୍ପ ବାବଦରେ ଆଲୋଚନା କରିବା ସହିତ ଫାଇଲ ମଗାଇ ଦେଖିଥିଲେ। ଆର୍ଥିକ ବର୍ଷରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅନୁଦାନ ବାବଦରେ ତର୍ଜମା କରିଥିଲେ। ଏନ୍‌ଏସି ଭିତରେ ଡ୍ରେନ ସମସ୍ୟା ବାବଦରେ ଅଧିକାରୀଙ୍କୁ ପଚାରି ବୁଝିଥିଲେ।



ଜବରଦଖଲ ଉଚ୍ଛେଦ ସହ ଲକ୍ଷ୍ମୀନାରାୟଣ ମନ୍ଦିର ଭଙ୍ଗା ଯାଉଛି।

## ତ୍ୱରାନ୍ୱିତ ହେଲା ମିଶନ 'ବିୟୁଟି ସିଟି'

**ବାଲେଶ୍ୱର ଅଫିସ, ୨୩।୯**

■ ଭଙ୍ଗା ଗଲା ଲକ୍ଷ୍ମୀନାରାୟଣ ମନ୍ଦିର

■ ସାମାନ୍ୟ ଉତ୍ତେଜନା, ପରେ ସ୍ୱାଭାବିକ

ବାଲେଶ୍ୱର ସହରକୁ 'ବିୟୁଟି ସିଟି'ରେ ପରିଣତ କରିବା ପାଇଁ ଆରମ୍ଭ ହୋଇଥିବା ମିଶନ କିଛିଦିନ ସ୍ଥଗିତ ହେବା ପରେ ସୋମବାର ପୁଣି ତ୍ୱରାନ୍ୱିତ କରାଯାଇଛି। ସହରର ସମସ୍ତ ଜବରଦଖଲ ଶେଷ ହେବା ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଜାରି ରହିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ଟ୍ରାଫିକ୍ ଜାମ୍‌ରୁ ମୁକ୍ତ ଏବଂ ସୁନ୍ଦର କରିବା ଉଦ୍ଦେଶ୍ୟରେ ବିଭିନ୍ନ ସ୍ଥାନରେ କରାଯାଇଥିବା ଜବରଦଖଲ ଏବଂ ହୋର୍ଡିଂକୁ ଉଚ୍ଛେଦ କରାଯାଇଛି। ମାଜିଷ୍ଟ୍ରେଟ ଭାବେ ରେମୁଣା ତହସିଲଦାର ସଞ୍ଜୟ ରାଉତ ପହଞ୍ଚିଥିବା ବେଳେ ତାଙ୍କ ସହିତ ଏସ୍‌ଡ଼ିପିଓ ପ୍ରଭାସ ଚନ୍ଦ୍ର ପାଲ, ଶିଳ୍ପାଞ୍ଚଳ ଥାନା ଆଇଆଇସି ଜୟନ୍ତ ବେହେରା, ସହଦେବଖୁଣ୍ଟା ମଡ଼େଲ ଥାନା ଆଇଆଇସି ପରେଶ ରାଉତ, ସଦର ଥାନା ଆଇଆଇସି ମମତା ସାହୁଙ୍କ ସମେତ ୧ ପ୍ଲାଟୁନ ପୋଲିସ ଫୋର୍ସ ଉପସ୍ଥିତ ଥିଲେ।

ଏହାସହିତ ବିବାଦୀୟ ଆଇଟିଆଇସ୍ଥିତ ଲକ୍ଷ୍ମୀନାରାୟଣ ମନ୍ଦିର ଭାଙ୍ଗିବାକୁ ନେଇ କିଛି ସମୟ ଉତ୍ତେଜନା ସୃଷ୍ଟି ହୋଇଥିଲା। ସ୍ଥାନୀୟ ଲୋକମାନେ ତହସିଲଦାରଙ୍କୁ ଭାଙ୍ଗିବାର ସରକାରୀ ନିର୍ଦ୍ଦେଶନାମା ମାଗିଥିଲେ ମଧ୍ୟ ଏହାକୁ ଭ୍ରୂକ୍ଷେପ ନ କରି ପ୍ରଶାସନ ଉଚ୍ଛେଦ କାର୍ଯ୍ୟ କରିଥିଲା। ରାସ୍ତା ଓ ଡ୍ରେନ୍ ପାଇଁ ଆବଶ୍ୟକ ଥିବା ଜବରଦଖଲକୁ ବାହାର କରିବା ପାଇଁ ମନ୍ଦିରର ନାଟମଣ୍ଡପ ପର୍ଯ୍ୟନ୍ତ ଭଙ୍ଗାଯିବା ଲାଗି ସ୍ଥିର ହୋଇଛି। ପାର୍ଶ୍ୱ ମନ୍ଦିର ଭଙ୍ଗାଯାଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ସମସ୍ତ କାର୍ଯ୍ୟ ସମ୍ପାଦନ ହେବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

## ମହିଳାଙ୍କ ଆତ୍ମହତ୍ୟା

**ବସ୍ତା, ୨୩।୯(ସ୍ୱ.ପ୍ର.)**

ବସ୍ତା ବ୍ଲକ ନାବରା ଗ୍ରାମର ଗୋପାଳ ଜେନାଙ୍କ ସ୍ତ୍ରୀ କବିତା(୨୨) ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ସେ ପ୍ରଥମେ ବିଷ ପିଇ ରବିବାର ଗୁରୁତର ହୋଇପଡିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ ଡାକ୍ତରଖାନା ନିଆଯାଉଥିବା ବେଳେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏ ନେଇ ସିଂଲା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୨୨/୧୯ ) ରୁଜୁ ହୋଇଛି। ଆତ୍ମହତ୍ୟା କାରଣ ଜଣାପଡିନାହିଁ।

## ଗ୍ରାମୀଣ କୌଶଳ ଯୋଜନା ପରାମର୍ଶ ଶିବିର

**ବାଲିଆପାଳ, ୨୩।୯(ଡି.ଏନ.ଏ.)**

ବାଲିଆପାଳ ବ୍ଲକ ପରିସରରେ ଶନିବାର ଓଏଲଏମ ଓ ଓରମାସ ତରଫରୁ ଦିନଦୟାଲ ଉପାଧ୍ୟ ଗ୍ରାମୀଣ କୌଶଳ ଯୋଜନା ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟ ସେବା, ନିର୍ମାଣ, ମୋଟରଯାନବାହନ, ଚମଡା ଶିଳ୍ପ, କମ୍ପ୍ୟୁଟର, ଇଣ୍ଟରନେଟ, ବୈଦ୍ୟୁତିକ କାମ, ବ୍ୟାଙ୍କ ହିସାବ ପତ୍ର, ଖାଦ୍ୟ ପାନୀୟ, ଅଳଙ୍କାର ତିଆରି ଇତ୍ୟାଦି ଉପରେ ତାଲିମଭିତ୍ତିକ ଦକ୍ଷତା ବୃଦ୍ଧି ଓ ନିଯୁକ୍ତି ଦେବା ଉଦ୍ଦେଶ୍ୟରେ ଏହି ଶିବିର ଆୟୋଜିତ ହୋଇଥିଲା। ଶିବିରରେ ୭ଶହ ଜଣଙ୍କୁ ତାମିଲ ପାଇଁ ଚୟନ କରାଯାଇଥିଲା। ଓଏଲଏମର ବ୍ଲକ ସଂଯୋଜକ ରବୀନ୍ଦ୍ର କୁମାର ଦାସ, ବ୍ଲକର ପିଏ କୀର୍ତ୍ତିଚନ୍ଦ୍ର ପାତ୍ର ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ବ୍ଲକ ଅଧକ୍ଷ ବିଜନ କୁମାର ନାୟକ, ବିଡିଓ ଲାଦ ମୁର୍ମୁ, ଜିଲା ସଂଯୋଜକ ରାମଚନ୍ଦ୍ର ପରିଡା ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। ବାଞ୍ଛାନିଧି ପାତ୍ର ଓ ଓଏଲଏମର ସଂଯୋଜିକା ସଙ୍ଗୀତା ଦାସ ପ୍ରମୁଖ ସହଯୋଗ କରିଥିଲେ।

## ■ ସଫେଇ କର୍ମଚାରୀଙ୍କୁ ପ୍ରତାରଣା

# ମ୍ୟୁନିସିପାଲିଟି ଅଫିସ୍‌ରେ ତାଲା ପକାଇଲେ

**ବାଲେଶ୍ୱର ଅଫିସ, ୨୩।୯**

### ଜିଲାପାଳଙ୍କ ଅଫିସ୍ ଘେରିଲେ



ସଫେଇ କର୍ମଚାରୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ବାଲେଶ୍ୱର ମ୍ୟୁନିସିପାଲିଟି ଅଧୀନରେ କାର୍ଯ୍ୟ କରୁଥିବା ସଫେଇ କର୍ମଚାରୀମାନଙ୍କର ୧ ମାସ ଦରମା, ୪ ବର୍ଷର ଭବିଷ୍ୟନିଧି ପାଣ୍ଠି ଓ ଇପିଏଫ୍ କାଟି ରଖୁଥିବା ଅର୍ଥକୁ ଠିକାଦାର ହଡପ କରିଥିବା ନେଇ ଅଭିଯୋଗ ହୋଇଆସୁଥିଲେ ମଧ୍ୟ ମ୍ୟୁନିସିପାଲିଟି ଅଧିକାରୀ, ଉପଜିଲାପାଳ ଓ ଜିଲାପାଳ ଏହାର ସମାଧାନ ପ୍ରତି ଗୁରୁତ୍ୱ ଦେଉନାହାନ୍ତି। ଏହାର ପ୍ରତିବାଦ କରି ସଫେଇ କର୍ମଚାରୀମାନେ ସୋମବାର ସକାଳ ୭ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ମ୍ୟୁନିସିପାଲିଟି ଅଫିସ୍ ସମ୍ମୁଖରେ ଧାରଣା ଦେଇଥିଲେ। କୌଣସି ଅଧିକାରୀ ସେମାନଙ୍କର କଥା ନ ଶୁଣିବାରୁ ସେମାନେ ମ୍ୟୁନିସିପାଲିଟି ଅଫିସ୍ ଗେଟ୍ ବନ୍ଦ କରି କାହାରିକୁ ଭିତରକୁ ନ ଛାଡ଼ି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ସନ୍ଧ୍ୟାରେ ଜିଲାପାଳଙ୍କ ଅଫିସ୍ ଘେରାଉ କରିଥିଲେ।

ନାଳ, ନର୍ଦ୍ଦମା ସଫା କରିବା ସହ ସହରକୁ ପରିଷ୍କାର, ପରିଚ୍ଛନ୍ନ ରଖିଆସୁଥିବା ସଫେଇ କର୍ମଚାରୀମାନଙ୍କର କୋଟି କୋଟି ଟଙ୍କା ଠକେଇ କରି ନେଇଥିବା ଠିକାଦାରଙ୍କଠାରୁ ଟଙ୍କା ଆଦାୟ କରିବା କିମ୍ବା ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଶେଷରେ ଉପାୟ ନ ପାଇ ସୋମବାର ବର୍ଷା ଲାଗି ରହିଥିଲେ ମଧ୍ୟ ୨ଶହରୁ ଊର୍ଦ୍ଧ୍ୱ କର୍ମଚାରୀ ବର୍ଷାରେ ଓଦା ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। 'ବାଲେଶ୍ୱର ମ୍ୟୁନିସିପାଲିଟି ସଫେଇ କର୍ମଚାରୀ ସଂଘ'ର ପ୍ରତିନିଧି ରାମ ବେହେରାଙ୍କ କହିବାନୁସାରେ ଜିଲାପାଳଙ୍କୁ ଗତ ଶନିବାର ସାକ୍ଷାତ୍ କରିବା ପରେ ସମସ୍ୟା ବାବଦରେ ଅବଗତ କରାଇଥିଲୁ। ତାଙ୍କ ନିର୍ଦ୍ଦେଶରେ ମ୍ୟୁନିସିପାଲିଟି ଅଧିକାରୀ ଓ ଉପଜିଲାପାଳ ଠିକାଦାରଙ୍କ ସହ ଆଲୋଚନା କରି ସୋମବାର ମଧ୍ୟାହ୍ନ ୧୨ଟା ସୁଦ୍ଧା ମ୍ୟୁନିସିପାଲିଟି ଅଫିସ୍‌ରେ ଟଙ୍କା ଫେରାଇ ଦେବାର ପ୍ରତିଶ୍ରୁତି ଦେଇଥିଲେ। ହେଲେ ସନ୍ଧ୍ୟା ସୁଦ୍ଧା କାହାରି ଦେଖା ନ ମିଳିବା ଦୁଃଖର ବିଷୟ ବୋଲି କହିଥିଲେ। ବିକ୍ଷୋଭକୁ ସଂଘ ସମ୍ପାଦକ ଭାଗବତ ପ୍ରତିହାରୀ, ପରିଚାଳନା ସମିତି ସଦସ୍ୟ ରାଜେଶ ନାୟକ, ପ୍ରତିନିଧି ମନୋଜ ବେହେରା, ଭଗବାନ ବେହେରା, ଶ୍ୟାମ ବେହେରା, ଶକୁନ୍ତଳା ବେହେରା ଓ ଚଞ୍ଚଳା ନାୟକ ପ୍ରମୁଖ ପରିଚାଳନା କରିଥିଲେ।

## ଶିକ୍ଷୟିତ୍ରୀଙ୍କ କଳି: ବିଦ୍ୟାଳୟ ବନ୍ଦ କଲେ ଗ୍ରାମବାସୀ

**ଖଇରା, ୨୩।୯(ଡି.ଏନ.ଏ.)**

ଖଇରା ବ୍ଲକ ଅଧୀନ ତୋରାଣୀପଦା ପ୍ରାଥମିକ ବିଦ୍ୟାଳୟରେ ୨ଶିକ୍ଷୟିତ୍ରୀଙ୍କ ମଧ୍ୟରେ କଳି ଲାଗିବାରୁ ଗ୍ରାମବାସୀ ସୋମବାର ବିଦ୍ୟାଳୟକୁ ବନ୍ଦ ରଖିଛନ୍ତି। ପରିଚାଳନା କମିଟିର ସଭାପତି ଆନନ୍ଦ ମହାରଣାଙ୍କ ନେତୃତ୍ୱରେ ଏଭଳି ପଦକ୍ଷେପ ନିଆଯାଇ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଅଭିଭାବକ କହିଛନ୍ତି ଯେ, ଗତ ଶୁକ୍ରବାର ଛାତ୍ରୀଛାତ୍ର ମଧ୍ୟାହ୍ନ ଭୋଜନ ଖାଉଥିବା ବେଳେ କୌଣସି ପୁରୁଣା କଥାକୁ ନେଇ ଦୁଇ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଭଳି ଘଟଣା ସମ୍ପର୍କରେ ପିଲାମାନେ ଘରକୁ ଯାଇ ଅଭିଭାବକଙ୍କୁ ଜଣାଇଥିଲେ। ଅଭିଭାବକମାନେ ଏହାର ପ୍ରତିବାଦ ଜଣାଇ ସୋମବାର ବିଦ୍ୟାଳୟ ଗେଟରେ ତାଲାପକାଇ କାହାକୁ ଛାଡି ନ ଥିଲେ। ଏବିଇଓ ଶ୍ରୀଧର ବେହେରା ଘଟଣାସ୍ଥଳରେ କମିଟି ସଦସ୍ୟ ଓ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଗ୍ରାମବାସୀ ଦୁଇ ଶିକ୍ଷୟିତ୍ରୀଙ୍କୁ ତୁରନ୍ତ ବଦଳି କରିବା ଲାଗି ଅଡି ବସିବାରୁ ଦାବି ସମ୍ପର୍କରେ ସେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇବେ ବୋଲି କହିଥିଲେ। ବଦଳି ନ ହେବା ପର୍ଯ୍ୟନ୍ତ ଅଭିଭାବକମାନେ ପିଲାମାନଙ୍କୁ ବିଦ୍ୟାଳୟକୁ ଛାଡିବେ ନାହିଁ ବୋଲି କହିଥିଲେ।



ବିଶ୍ୱ ଶାନ୍ତି ଦିବସ ପାଳନ ଅବସରରେ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକ ଶପଥପାଠ କରୁଛନ୍ତି।

## ବିଦ୍ୟାଳୟରେ ବିଶ୍ୱ ଶାନ୍ତି ଦିବସ

**ବାଲେଶ୍ୱର ଅଫିସ, ୨୩।୯**

ବାଲେଶ୍ୱର ମହର୍ଷି ବିଦ୍ୟାମନ୍ଦିରରେ ସୋମବାର ବିଶ୍ୱ ଶାନ୍ତି ଦିବସ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଶ୍ରୀନିବାସ ଖାଡ଼େଙ୍ଗା ଉତ୍ସବରେ ଅଧକ୍ଷତା କରିବା ସହିତ ସମାଜରେ ନିରନ୍ତର ଶାନ୍ତି ପ୍ରତିଷ୍ଠା ପାଇଁ ମହର୍ଷିଙ୍କର ଭୂମିକା ଉପରେ ଆଲୋକପାତ କରିବା ସହ ମହର୍ଷିଙ୍କର ବିଶ୍ୱ ଶାନ୍ତି ଆନ୍ଦୋଳନକୁ ପ୍ରଶଂସା କରିଥିଲେ। ନବୀନ କୁମାର ମହାନ୍ତି ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ। ବିଦ୍ୟାଳୟର ଧ୍ୟାନ ଶିକ୍ଷକ ରାଧାଶ୍ୟାମ ପାଣିଗ୍ରାହୀ ଗୁରୁ ପୂଜନ ପରମ୍ପରାର ସଞ୍ଚାଳନ କରିଥିଲେ।

ଉତ୍ସବରେ ସାମାଜିକ କର୍ମୀ ଶୁଭେନ୍ଦୁ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଅଶାନ୍ତ ପୃଥିବୀ ହେଉ କି ବ୍ୟକ୍ତି, ସମସ୍ତେ ଆଜି ଶାନ୍ତି ପାଇଁ ବ୍ୟାକୁଳ ହେଉଥିବାବେଳେ ମହର୍ଷି ମହେଷ ଯୋଗୀଙ୍କ ଚେତନାର ଆଧାରରେ କିଭଳି ଶାନ୍ତି ପ୍ରତିଷ୍ଠା କରାଯାଇପାରିବ ସେ ସମ୍ପର୍କରେ ଗୁରୁତ୍ୱାରୋପ କରି ବ୍ୟକ୍ତିର ମାନସିକତା ପରିବର୍ତ୍ତନରେ ବିଶ୍ୱ ଶାନ୍ତି ସମ୍ଭବ ବୋଲି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟ ଶିକ୍ଷୟିତ୍ରୀଶିକ୍ଷକ ପରିଚାଳନା କରିଥିଲେ। ଛାତ୍ରୀଛାତ୍ର ଓ ଅଭିଭାବକମାନେ ଉପସ୍ଥିତ ଥିଲେ।

### ବିନା ଲାଇସେନ୍ସରେ ଚାଲିଛି କରତକଳ

# ଧ୍ୱଂସପାଉଛି ଗ୍ରାମ୍ୟ ଜଙ୍ଗଲ

**ବାଲିଆପାଳ, ୨୩।୯(ଡି.ଏନ.ଏ.)**



ବାଲିଆପାଳ ଅଞ୍ଚଳରେ ବେଆଇନ ଭାବେ ଚାଲିଥିବା ଏକ କରତ କଳ।

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ସମେତ ଗ୍ରାମାଞ୍ଚଳରେ ଛତୁ ଫୁଟିଲା ଭଳି ବିନା ଲାଇସେନ୍ସରେ ଏବେ କରତକଳମାନ ଚାଲୁଛି। ଫଳରେ ଗ୍ରାମ୍ୟଜଙ୍ଗଲ ଦିନକୁ ଦିନ ଧ୍ୱଂସ ହେବା ସହ ସମୁଦ୍ରକୂଳ ଝାଉଁ ଜଙ୍ଗଲ ଶେଷ ହେବାକୁ ବସିଲାଣି। କରତକଳଗୁଡିକୁ ବନ୍ଦ ରଖିବା ନିମନ୍ତେ ଦେଶର ସର୍ବୋଚ୍ଚ ନ୍ୟାୟାଳୟ କଡ଼ା ନିର୍ଦ୍ଦେଶ ଦେଇଥିଲେ। ଅସାଧୁ କାଠ ମାଫିଆ ଓ କରତକଳ ମାଲିକମାନେ ବନ ବିଭାଗ କର୍ମଚାରୀଙ୍କ ସହିତ ସଲାସୁତୁରା କରି ସ୍ପଷ୍ଟ ଦିବାଲୋକରେ କରତକଳ ଚଳାଇଛନ୍ତି। ଏଥିଯୋଗୁ ଆଇନର ଖୋଲାଖୋଲି ଉଲ୍ଲଂଘନ ହେଉଥିଲେ ମଧ୍ୟ ପ୍ରଶାସନ ନୀରବ ରହିବା ଉଦ୍‌ବେଗର କାରଣ ହୋଇଛି।

ପୂର୍ବରୁ ବାଲିଆପାଳ ବ୍ଲକର ସୁବର୍ଣ୍ଣରେଖା ନଦୀ ଅବବାହିକା ଓ ବଙ୍ଗୋପସାଗର କୂଳ ସରକାରୀ ଗ୍ରାମ୍ୟ ଜଙ୍ଗଲ, ରକ୍ଷିତ ଜଙ୍ଗଲ, ଗୋଚର, ଅନାବାଦୀ ଜାଗାମାନଙ୍କରେ ସରିସା, ଆମ୍ବ, ଜାମୁ, ଅର୍ଜୁନ, ନିଦ୍ରାବତୀ, ନିମ୍ବ, ପଣସ, ଶିମିଳି ଆଦି ଗଛ ଭରପୂର ହୋଇ ରହିଥିଲା। ଗରିବ ଲୋକେ ଜଙ୍ଗଲରୁ ଶୁଖିଲା ଜାଳେଣି କାଠ ସଂଗ୍ରହ କରି ରୋଷେଇ ବାସ କରୁଥିଲେ। ତାହାଛଡା ଉତ୍ସବ ଆଦି ସାର୍ବଜନୀନ କାର୍ଯ୍ୟରେ ଜଙ୍ଗଲ କାଠକୁ ବ୍ୟବହାର କରୁଥିଲେ। ମାତ୍ର ଦୀର୍ଘ କେତେବର୍ଷ ହେବ ବାଲିଆପାଳ ବ୍ଲକର କାଳିପଦା, ସିମୁଳିଆ, ଦାନ୍ତୁଣିଦା, ବ୍ଲକ ଛକ, ଲଙ୍ଗଳେଶ୍ୱର, ମାନ୍ଧାତାବଜାର, ପଞ୍ଚୁପାଳି ଆଦି ସ୍ଥାନରେ ବେଆଇନ ଭାବେ କରତକଳ ଗଢିଉଠିବାରୁ ଗ୍ରାମ୍ୟ ଜଙ୍ଗଲ ଏବେ ଧ୍ୱଂସ ହୋଇଚାଲିଛି। କାଠ ମାଫିଆ ଓ କରତକଳ ମାଲିକମାନେ ଚୋରାରେ ଦୈନନ୍ଦିନ ଟ୍ରକ ଓ ଟ୍ରାକ୍ଟର ଯୋଗେ ପଡ଼ୋଶୀ ପଶ୍ଚିମବଙ୍ଗକୁ ଚାଲାଣ କରୁଛନ୍ତି। ସୁବର୍ଣ୍ଣରେଖା ଦ୍ୱିତୀୟ ସେତୁ, ପନ୍ତେଇ ଫେରିଘାଟ, ବଙ୍ଗୋପସାଗର ଡଗରା ଚୌମୁଖ ଦେଇ ଏହି ଚୋରାକାଠ ଯାଉଛି। ସ୍ଥାନୀୟ ପୋଲିସ କରତକଳ ମାଲିକଙ୍କୁ ଏଭଳି ବେଆଇନ କାର୍ଯ୍ୟକୁ ପ୍ରଶ୍ରୟ ଦେଉଥିବା ଅଭିଯୋଗ ହୋଇଛି। ସାମାଜିକ ବନୀକରଣ ଯୋଜନାରେ ଯେଉଁ ଜଙ୍ଗଲ ସୃଷ୍ଟି କରାଯାଇଛି, କାଠ ମାଫିଆମାନେ ସମ୍ପୃକ୍ତ ଅଞ୍ଚଳର ମୁଷ୍ଟିମେୟ ଲୋକଙ୍କୁ ହାତ କରି ଜଙ୍ଗଲରୁ ଝାଉଁ, ଆକାଶିଆ, ଶାଗୁଆନ, ଶିଶୁ ପଟାସ ଆଦି ମୂଲ୍ୟବାନ କାଠକୁ କାଟି ଚୋରାରେ ବାହାରକୁ ପଠାଉଛନ୍ତି। ଏନେଇ ବାଲେଶ୍ୱର ଡିଏଫ୍‌ଓ ହର୍ଷବର୍ଦ୍ଧନ ଉଦ୍‌ଗାତାଙ୍କୁ ଯୋଗାଯୋଗ କରିବାରୁ ଆଇନ ଉଲ୍ଲଂଘନ ହେଉ ନ ଥିବା କହିଛନ୍ତି।

ଧରିତ୍ରୀ DHARITRI
ବାଲେଶ୍ୱର, ମଙ୍ଗଳବାର, ୨୪ ସେପ୍ଟେମ୍ବର, ୨୦୧୯



## ସଂକ୍ଷେପରେ

### ଚୋରି ଡମ୍ପର ଉଦ୍ଧାର, ଜଣେ ଗିରଫ

**ଯୋଡ଼ା ୨୩।୯(ଡି.ଏନ.ଏ.)-** କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ଦବୁନା ଠାରେ ଶନିବାର ରାତିରେ ଏକ ଡମ୍ପରଟିକୁ ଚୋରି କରି ନେଇ ଯାଉଥିବାବେଳେ ଗ୍ରାମବାସୀ ଡମ୍ପରକୁ ଉଦ୍ଧାର କରିଛନ୍ତି। ବାମେବାରୀ ପୋଲିସର ସୂଚନାନୁଯାୟୀ, ଶନିବାର ରାତିରେ ଡମ୍ପର (ନଂ ଓଆର ୦୯ କେ ୭୬୨୯) ଗାଡ଼ିର ଡ୍ରାଇଭର ଦବୁନା କ୍ୟାମ୍ପଠାରେ ଗାଡି ରଖି ନିକଟସ୍ଥ ହୋଟେଲକୁ ଖାଇବା ପାଇଁ ଯାଇଥିଲେ । ଏହି ସମୟରେ ବସନ୍ତପୁର ଗ୍ରାମର ଧୀରଜ କୁମାର ପାତ୍ର ଉକ୍ତ ଡମ୍ପରଟିକୁ ଚୋରି କରି ନେଇ ଯାଉଥିବାବେଳେ ସ୍ଥାନୀୟ ଗ୍ରାମବାସୀଙ୍କ ଦ୍ୱାରା ଧରାପଡିଥିଲେ। ଗ୍ରାମବାସୀ ଗାଡିଟିକୁ ଉଦ୍ଧାର କରିବାରେ ସଫଳ ହୋଇଥିଲେ ମଧ ଅଭିଯୁକ୍ତ ଧୀରଜ ସେଠାରୁ ଖସି ପଳାଇଥିଲେ। ଉକ୍ତ ଡମ୍ପର ମାଲିକ ଅମୂଲ୍ୟ କୁମାର ମହାନ୍ତ ଏନେଇ ବାମେବାରୀ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଏନେଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ରବିବାର ବସନ୍ତପୁର ଗ୍ରାମରୁ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ସୂଚନା ଦେଇଛି।

### ମହିଳା ମହାସଂଘର ବୈଠକ

**ପାଟଣା,୨୩।୯ (ସ୍ୱ.ପ୍ର.)-** କେନ୍ଦୁଝର ଜିଲା ପାଟଣା ବ୍ଲକ ତୁରୁମୁଙ୍ଗା ସ୍ଥିତ ପଞ୍ଚାୟତ କାର୍ଯ୍ୟାଳୟର ସଭା ଗୃହରେ ସୋମବାର ଅଲିଭା ମହିଳା ମହାସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାଟଣା ବ୍ଲକର ତୁରୁମୁଙ୍ଗା, ରାଜନଗର, ବୁଢ଼ିକାପୁଡି ଓ ଚେମେଣା ପଞ୍ଚାୟତର ଶତାଧିକ ମହିଳା ସାମିଲ ହୋଇଥିଲେ। ଆୟୋଜିତ ସଭା ଓସ୍କାର ପାଟଣା ବ୍ଲକ ସଂଯୋଜକ ମିତ୍ରଭାନୁ ମହାନ୍ତଙ୍କ ସଂଯୋଜନାରେ ମୁଖ୍ୟ ଅତିଥି ଭାବେ କେନ୍ଦୁଝର ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ, ମୁଖ୍ୟ ବକ୍ତା ଭାବେ ପାଟଣା ବିଧାୟକ ଜଗନ୍ନାଥ ନାଏକ ଓ ସମ୍ମାନିତ ଅତିଥି ଭାବେ ରେବତୀ ହୋ ପ୍ରମୁଖ ଯୋଗ ଦେଇ ମହିଳା ହିଂସା, ଯୌତୁକ ନିର୍ଯାତନା ଓ ଜୀବନ ଜୀବିକା ଉପରେ ଆଲୋଚନା କରିଥିଲେ।

### ଶିକ୍ଷା ସଂଘର ମହାସଚିବ ବିବେକାନନ୍ଦ

**ଆନନ୍ଦପୁର, ୨୩।୯(ସ୍ୱ.ପ୍ର.)-** ରାଜ୍ୟ ଶିକ୍ଷା ସହାୟକ ସଂଘର ମହାସଚିବ ଭାବେ ପୁନର୍ବାର ବିବେକାନନ୍ଦ ବେହେରା ମନୋନୀତ ହୋଇଛନ୍ତି। ବିବେକାନନ୍ଦଙ୍କ ଘର କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ କଣ୍ଟିପାଳ ଗ୍ରାମରେ। ସେ ଜଣେ ଦକ୍ଷ ଶିକ୍ଷକନେତା, ସଂଗଠକ, ସ୍ପଷ୍ଟବାଦୀ, ନିର୍ଭୀକ ହୋଇଥିବାରୁ ସଂଘ ତାଙ୍କୁ ପୁନର୍ବାର ଏହି ପଦବୀରେ ମନୋନୀତ କରିଛି। ଜିଲାମାନଙ୍କୁ ଏକାଠି କରିବା, ସିଧାସଳଖ ଶିକ୍ଷକମାନଙ୍କ ସମସ୍ୟା ସହିତ ଜଡିତ ରହିବା କାର୍ଯ୍ୟଶୈଳୀକୁ ପୂର୍ବତନ ସଭାପତି ତଥା ଉପଦେଷ୍ଟା ମଳୟ କୁମାର ଜେନା, ଜ୍ୟୋତିରଞ୍ଜନ ଦାଶଙ୍କ ଉପଦେଶକ୍ରମେ ସେ ସମସ୍ତ ଜିଲାମାନଙ୍କ ଦ୍ୱାରା ମନୋନୀତ ହୋଇଥିଲେ। ଶିକ୍ଷକତା କ୍ଷେତ୍ରରେ ଆସୁଥିବା ଅନେକ ଅସୁବିଧା ତଥା ସ୍ୱାର୍ଥରକ୍ଷା ପାଇଁ ନିଜ ବ୍ଲକ, ଜିଲା ତଥା ରାଜ୍ୟ ସ୍ତରରେ ଯେପରି ବିଗତ ଦିନରେ କାର୍ଯ୍ୟ କରୁଥିଲେ ଆଗାମୀ ଦିନରେ ଏହି ଧାରା ଜାରି ରହିବ ବୋଲି ସେ ପ୍ରକାଶ କରିଛନ୍ତି। ତାଙ୍କର ଏହି କୃତିତ୍ୱ ପାଇଁ ସବୁ ମହଲରେ ତାଙ୍କୁ ସ୍ୱାଗତ କରାଯାଇଛି।

# ସରକାରୀ କାର୍ଯ୍ୟାଳୟ ହୋଇପାରୁନି ତମାଖୁମୁକ୍ତ ଅଞ୍ଚଳ

**କେନ୍ଦୁଝର, ୨୩।୯(ଡି.ଏନ.ଏ.)**

**■ କାର୍ଯ୍ୟକାରୀ ହେଉନି ଜିଲା ପ୍ରଶାସନର ତମାଖୁ ବର୍ଜନ ନିର୍ଦ୍ଦେଶ**

କେନ୍ଦୁଝର ଜିଲାର ବିଭିନ୍ନ ସରକାରୀ କାର୍ଯ୍ୟାଳୟ ସମେତ ଶିକ୍ଷାନୁଷ୍ଠାନ ଓ କୋର୍ଟ କଚେରିକୁ ତମାଖୁମୁକ୍ତ ଅଞ୍ଚଳରେ ପରିଣତ କରିବା ଲାଗି ଜିଲା ପ୍ରଶାସନର ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇ ପାରୁ ନାହିଁ । ଜିଲାପାଳ ଆଶିଷ ଠାକ୍‌ରେ ଗତ ଜୁଲାଇ ୨ ତାରିଖରେ ପତ୍ର ସଂଖ୍ୟା ୧୨୯୦, ତା ୨୯।୬।୨୦୧୯ ରେ ଜିଲାର ସମସ୍ତ ରାଜ୍ୟ, କେନ୍ଦ୍ର କାର୍ଯ୍ୟାଳୟ ଓ ଶିକ୍ଷାନୁଷ୍ଠାନକୁ ତମାଖୁ ନିବାରଣ ଦିଗରେ ପଦକ୍ଷେପ ନେବାକୁ କୁହାଯିବା ସହିତ ଏଥିରେ ତମାଖୁର ଅପକାରିତା ସମ୍ପର୍କରେ ବିଶେଷ ବ୍ୟାଖ୍ୟା କରାଯାଇଥିଲା । ତମାଖୁ ସେବନ ଦ୍ୱାରା କ୍ୟାନସର, ହୃଦ୍‌ଘାତ, ଶୁକ୍ରହୀନତା, ଦୃଷ୍ଟିହୀନତା, ଯକ୍ଷ୍ମା ଆଦି ରୋଗର ଆଶଙ୍କା ଥିବାବେଳେ ଧୂମପାନର ଅନେକ ଅପକାରିତା ରହିଥିବା ଉଲ୍ଲେଖ ଥିଲା। କୋଟପା ଆଇନ ୨୦୦୩ର ଧାରା ୪ ବଳରେ ସର୍ବସାଧାରଣ ସ୍ଥାନରେ ଧୂମପାନ କରାଯାଇପାରିବ ନାହିଁ ବୋଲି ନିୟମ ରହିଛି। ଏହାକୁ କଡାକଡି ଭାବେ ପାଳନ କରାଯିବା ଦରକାର। କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ତରଫରୁ ନୂଆଦିଲ୍ଲୀଠାରେ ଥିବା ନିର୍ମାଣ ଭବନକୁ ତମାଖୁମୁକ୍ତ ଅଞ୍ଚଳ ଘୋଷଣା କରାଯାଇଛି। ସେହିପରି କେନ୍ଦୁଝର ଜିଲାର ବିଭିନ୍ନ କାର୍ଯ୍ୟାଳୟକୁ ତମାଖୁମୁକ୍ତ ଅଞ୍ଚଳ ଭାବରେ ଘୋଷଣା କରିବା ସହ 'ସ୍ୱଚ୍ଛ ଭାରତ, ସୁସ୍ଥ ଭାରତ' କାର୍ଯ୍ୟକ୍ରମକୁ ବ୍ୟାପକ କରିବା ପାଇଁ ଏହି ପତ୍ର ମାଧ୍ୟମରେ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ କୁହାଯାଇଥିଲା।

ଜିଲାପାଳ ଏହି ଚିଠି ପଠାଇବାର ୩ମାସ ବିତିବାକୁ ବସିଥିଲେ ମଧ୍ୟ ଅନେକ କାର୍ଯ୍ୟାଳୟରେ ଗୁଟ୍‌ଖା ସେବନ ବନ୍ଦ ହୋଇନାହିଁ । କେତେକ କର୍ମଚାରୀ ଗୁଟ୍‌ଖା ସେବନ କରି ଅଫିସରେ କାମ କରିଛନ୍ତି। ସେହିପରି ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ କେତେକ ଶିକ୍ଷକ ମଧ୍ୟ ଗୁଟ୍‌ଖା ସେବନ କରୁଥିବା ଲକ୍ଷ୍ୟ କରାଯାଇଛି। ଏସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରାଗଲେ କଲେଜ ଛାତ୍ରୀଛାତ୍ରଙ୍କ ସମେତ ଅନ୍ୟମାନେ ଗୁଟ୍‌ଖା ବ୍ୟବହାର ବନ୍ଦ କରିପାରିବେ ବୋଲି ସଚେତନ ନାଗରିକମାନେ ମତ ଦେଉଛନ୍ତି। କେନ୍ଦୁଝର ଜିଲାରେ ବର୍ଷକୁ କୋଟି କୋଟି ଟଙ୍କାର ଚୋରା ଗୁଟ୍‌ଖା କାରବାର ହେଉଥିବା ଅଭିଯୋଗ ହେଉଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଦାବି ହେଉଛି। ଏସମ୍ପର୍କରେ କେନ୍ଦୁଝର ଉପଜିଲାପାଳ ରାମଚନ୍ଦ୍ର କିସ୍କୁଙ୍କୁ ପଚାରିବାରୁ ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ସ୍କୁଲ ଏବଂ କଲେଜରେ ତମାଖୁ ସେବନକୁ ବାରଣ କରାଯାଇଛି। ଏହାବ୍ୟତୀତ ଜିଲାପାଳଙ୍କ ନିର୍ଦ୍ଦେଶକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ପଦକ୍ଷେପ ନିଆଯାଉଛି ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

# ଡିପ୍ଲୋମା ଛାତ୍ର ଜିଲାପାଳଙ୍କ ଦ୍ୱାରସ୍ଥ



ଜିଲାପାଳଙ୍କ କାର୍ଯ୍ୟାଳୟକୁ ଛାତ୍ରମାନେ ଆସିଛନ୍ତି।

**କେନ୍ଦୁଝର, ୨୩।୯ (ସ୍ୱ.ପ୍ର./ଡି.ଏନ.ଏ.)**

ସରକାର ସ୍ୱଚ୍ଛ ଭାରତ ଅଭିଯାନ କ୍ରମେ ସବୁଠି ସ୍ୱଚ୍ଛତା ରକ୍ଷା ଉପରେ ଗୁରୁତ୍ୱ ଦେଉଥିବା ଏବଂ ସଚେତନତା ବାର୍ତ୍ତା ଦେଉଥିବା ବେଳେ ସ୍ଥାନୀୟ ଓଡିଶା ଖଣି ଓ ଯାନ୍ତ୍ରିକ ବିଦ୍ୟାଳୟର ଛାତ୍ର ମାନଙ୍କୁ ଅସ୍ୱାସ୍ଥ୍ୟକର ପରିବେଶରେ ହଷ୍ଟେଲରେ ରଖାଯାଉଥିବାରୁ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ଏନେଇ ସୋମବାର ଅପରାହ୍ନରେ ଉତ୍ତେଜିତ ହୋଇ ଶତାଧିକ ଛାତ୍ର ହଷ୍ଟେଲରୁ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଦାବିପତ୍ର ପ୍ରଦାନ କରିଛନ୍ତି। ମୁଖ୍ୟ ଦାବୀ ଗୁଡିକ ହେଲା ପାଣି ଟାଙ୍କିରେ ମଇଳା ସ୍ତର ବସିଥିଲେ ହେଁ ସଫା କରାଯାଉନାହିଁ । ସେହି ପାଣି ଟାଙ୍କିର ପାଣି ବ୍ୟବହାର କରିବାକୁ ବାଧ ହେଉଛନ୍ତି। ସେହିପରି ଟାଙ୍କି ବାହାରେ ଅନାବନା ଗଛ ଉଠି ଦୂଷିତ ପରିବେଷ ସୃଷ୍ଟି କରିଛି। ଫଳରେ ରୋଗ ବ୍ୟାପିବା ଆଶଙ୍କା କରିଛନ୍ତି। ଏନେଇ ହଷ୍ଟେଲ ପରିଚାଳକ ଓ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଜଣାଇବା ପରେ ମଧ ପଦକ୍ଷେପ ନନିଆଯାଉ ନ ଥିବାରୁ ସେମାନେ ବାଧ ହୋଇ କ୍ୟାମ୍ପସ ବାହାରକୁ ଆସି ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏସବୁ ର ତଦନ୍ତ କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସମସ୍ତ ପିଲା ମାନେ ଆସିଥିବା ଛାତ୍ର ମାନେ କହିଛନ୍ତି।

**■ କୋଚିଆନେଣ୍ଡି ବିଦ୍ୟାଳୟରେ ତାଲା ପକାଇବା ଘଟଣା**

# ବିଇଓ, ସ୍କୁଲ ପରିଚାଳନା କମିଟିର ଆଲୋଚନା



ଆଲୋଚନାରେ ଉପସ୍ଥିତ ଅଭିଭାବକ।

**ଆନନ୍ଦପୁର, ୨୩।୯(ସ୍ୱ.ପ୍ର.)**

**୨୬ ଓ ୨୭ ରେ ହେବ ବିଧିବଦ୍ଧ ତଦନ୍ତ**

ଘସିପୁରା ବ୍ଲକ କୋଚିଆନେଣ୍ଡି ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ସୋମବାର ବ୍ଲକ ଶିକ୍ଷାଧିକାରୀ କ୍ଷେତ୍ରମୋହନ ହାଁସଦା, ସିଆରସିସି ଅନାମ ଚରଣ ମାଝୀ ଗସ୍ତ କରି ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟଙ୍କ ସହିତ ଆଲୋଚନା କରିଛନ୍ତି। ବିଦ୍ୟାଳୟ କମିଟି ପକ୍ଷରୁ ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପଲତା ପଟ୍ଟନାୟକଙ୍କ ବିରୋଧରେ ଗତ ଶନିବାର ଏକ ଅଭିଯୋଗପତ୍ର ଦାଖଲ କରାଯାଇଥିଲା। ସେହି ଅଭିଯୋଗକୁ ଆଧାର କରି ବିଇଓ ହାଁସଦା ପରିଚାଳନା କମିଟି ସଦସ୍ୟଙ୍କ ସହିତ ଆଲୋଚନା କରିବା ସହିତ ବିଦ୍ୟାଳୟକୁ ଆସୁଥିବା କମ୍ପୋଜିଟ୍ ଫଣ୍ଡ ସମ୍ପର୍କରେ ମଧ୍ୟ ଆଲୋଚନା କରିଥିଲେ। ପରେ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଓ ଅଭିଭାବକମାନେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦଳି ଦାବିକରି ବିଦ୍ୟାଳୟର ହୋଇଥିବା ଅନିୟମିତତା ସମ୍ପର୍କରେ ଦେଇଥିବା ଅଭିଯୋଗ ପତ୍ର ସମ୍ପର୍କରେ ଆଲୋଚନା ହୋଇଥିଲା। ପରିଚାଳନା କମିଟି କରିଥିବା ଅଭିଯୋଗ ସମ୍ପୂର୍ଣ୍ଣ ତଥ୍ୟ ସମ୍ବଳିତ ଏବଂ ଏହା ତଦନ୍ତ ସାପେକ୍ଷ ବୋଲି ବିଇଓ ହାଁସଦା କହିଥିଲେ। ଏଥିପାଇଁ ଚଳିତ ମାସ ୨୬ ଓ ୨୭ ତାରିଖରେ ୩ ଜଣ ଏବିଇଓ, ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ତଦନ୍ତ କାର୍ଯ୍ୟ ତ୍ୱରାନ୍ୱିତ କରାଯିବ ବୋଲି କହିଥିଲେ। ତଦନ୍ତ ପରେ ଯାହା କିଛି ନିଷ୍ପତ୍ତି ନିଆଯିବ ବୋଲି ବିଇଓ କମିଟିର ସଦସ୍ୟ ଓ ଅଭିଭାବକମାନଙ୍କୁ ଜଣାଇଥିଲେ। ସୂଚନାଯୋଗ୍ୟ ଗତ ଶନିବାର କୋଚିନେଣ୍ଡି ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ବିଦ୍ୟାଳୟରେ ବିଭିନ୍ନ ଅନିୟମିତତା ହେଉଥିବା ଅଭିଯୋଗରେ ଅଭିଭାବମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ କରିବା ସହିତ ବିଦ୍ୟାଳୟ ଶ୍ରେଣୀ ଗୃହରୁ ଛାତ୍ରୀଛାତ୍ରଙ୍କୁ ବାହାରକୁ ବାହାର କରି ତାଲା ପକାଇଦେଇଥିଲେ। ଏପରି କି ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ତୁରନ୍ତ ସଂପୃକ୍ତ ବିଦ୍ୟାଳୟରୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଦାବି କରିଥିଲେ।

### ଶ୍ରେଣୀ ଗୃହ ଛାତରୁ ଖସୁଛି ପ୍ଲାଷ୍ଟର

**ଆନନ୍ଦପୁର, ୨୩।୯(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଘସିପୁରା ବ୍ଲକ ଅନ୍ତର୍ଗତ କଇନିପୁରା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶ୍ରେଣୀ ଗୃହରୁ ପ୍ଲାଷ୍ଟର ଖସୁଥିବା ଘଟଣା ଦୃଷ୍ଟିକୁ ଆସିଛି। ଏହା ଦ୍ୱାରା ଛାତ୍ରୀଛାତ୍ରଙ୍କ ଜୀବନ ପ୍ରତି ବିପଦ ଥିବା ଆଶଙ୍କା ପ୍ରକାଶ ପାଇଛି। ଶିକ୍ଷା ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି। ଏହା ସହିତ ବିଦ୍ୟାଳୟର ବିର୍ସାମୁଣ୍ଡା କକ୍ଷରେ ଥିବା ଏକ ବିମ୍ ଫାଟିଯାଇ ଖସିପଡିବା ଆଶଙ୍କା ମଧ ରହିଛି। ବିଦ୍ୟାଳୟରେ ଶ୍ରେଣୀ ଗୃହର ଅଭାବ ରହୁଥିବାରୁ ଛାତ୍ରୀଛାତ୍ରମାନେ ଏହି ବିପଦପୂର୍ଣ୍ଣ ଛାତ ତଳେ ପାଠପଢିବାକୁ ବାଧ ହେଉଥିବା ସ୍କୁଲ କର୍ତ୍ତୃପକ୍ଷ କହିଛନ୍ତି। ସୂଚନାଯୋଗ୍ୟ, ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୨୭ ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ୮ ଗୋଟି ଶ୍ରେଣୀକୁ ବିଦ୍ୟାଳୟରେ ମାତ୍ର ୬ ଗୋଟି ଶ୍ରେଣୀ ଗୃହ ଠିକ୍ ରହିଛି। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ଅବଗତି ହେବା ପରେ ଦୁଇ ବର୍ଷ ତଳେ ସିନିୟର୍ ଟେକ୍ନିକାଲ କନସଲଟାଣ୍ଟ ସ୍କୁଲ ପରିଦର୍ଶନ କରି ଏହାକୁ ମରାମତି କରାଯିବା ଆବଶ୍ୟକ ବୋଲି କହିଥିଲେ। କିନ୍ତୁ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ଜଣାପଡିଛି।

# ଗୋରୁଙ୍କୁ ବ୍ୟାପୁଛି ଅଜଣା ରୋଗ

**କେନ୍ଦୁଝର,୨୩।୯(ସ୍ୱ.ପ୍ର.)**

ସଦର ବ୍ଲକ ଅନ୍ତର୍ଗତ ପର୍ଜନପୁର ପଞ୍ଚାୟତର ନଇଗାଁ, ପର୍ଜନପୁର, ନୂଆଡ଼ିହି ଆଦି ଗ୍ରାମରେ ଗୋରୁଙ୍କୁ ଏକ ଅଜଣା ବ୍ୟାଧି ବ୍ୟାପି ଚାଲିଛି। ଫଳରେ ସ୍ଥାନୀୟ ଚାଷୀଙ୍କ ମଧରେ ଭାଳେଣି ଦେଖାଦେଇଛି। ରୋଗାକ୍ରାନ୍ତ ହେଉଥିବା ଗୋରୁଙ୍କ ଗୋଡର ତଳଅଂଶରୁ ଫୁଲିବା ଆରମ୍ଭ ହୋଇ ଆଣ୍ଠୁ ପର୍ଯ୍ୟନ୍ତ ଏହା ମାଡିଯାଇ ପରେ ଘା' ହୋଇଯାଉଥିବା ଦେଖିବାକୁ ମିଳିଛି। ଦେହରେ ସର୍ବଦା ଜ୍ୱର ଲାଗିରହୁଥିବା ବେଳେ ଠିକରେ ସେମାନେ ଖାଦ୍ୟପେୟ ମଧ ଗ୍ରହଣ କରିପାରୁନାହାନ୍ତି । ଯାହାଫଳରେ କି ଗୋରୁ ଗୁଡିକ ଦୁର୍ବଳ ହୋଇପଡୁଥିବା ଲକ୍ଷ୍ୟ କରାଯାଇଛି । ନଇଗାଁ ଗ୍ରାମର ମହେନ୍ଦ୍ର କୁମାର ନାୟକଙ୍କ ଗୋଟିଏ, ପ୍ରଫୁଲ୍ଲ ଚନ୍ଦ୍ର ନାୟକଙ୍କ ୩ଟି, ଭାସ୍କର ଚନ୍ଦ୍ର ନାୟକଙ୍କ ଗୋଟିଏ, ଗୋପବନ୍ଧୁ ମହାନ୍ତଙ୍କ ୨ଟି ବଳଦଙ୍କୁ ଉକ୍ତ ରୋଗ ହୋଇଥିବା ଜଣାପଡିଛି । ସେହିପରି ପର୍ଜନପୁର ଏବଂ ନୂଆଡ଼ିହି ଗ୍ରାମରେ ବହୁ ଚାଷୀଙ୍କ ବଳଦ ଉକ୍ତ ରୋଗରେ ପୀଡିତ ହୋଇଥିବା ଜଣାପଡିଛି । ଏନେଇ ସ୍ଥାନୀୟ ପଶୁ ସହାୟକ ତ୍ରିଲୋଚନ ବେହେରାଙ୍କୁ ପଚାରିବାରୁ ଏହା ଏକ ଭାଇରସ ଜନିତ ରୋଗ ବୋଲି କହିଛନ୍ତି। ତୁରନ୍ତ ଉକ୍ତ ଅଞ୍ଚଳରେ ପ୍ରାଣୀସମ୍ପଦ ବିଭାଗ ପକ୍ଷରୁ ଏହାର ନିରାକରଣ ବ୍ୟବସ୍ଥା ଗ୍ରହଣ କରାଯିବାକୁ ପର୍ଜନପୁର ଅଞ୍ଚଳର ଚାଷୀଙ୍କ ପକ୍ଷରୁ ଦାବି କରାଯାଉଛି ।



ଆଦିବାସୀ ମହିଳାମାନେ ଜଙ୍ଗଲଜାତ ଦ୍ରବ୍ୟ ଧରି କେନ୍ଦୁଝର ବଜାରକୁ ବିକ୍ରି କରିବା ନିମନ୍ତେ ଯାଉଛନ୍ତି।

# ସ୍ତ୍ରୀଙ୍କୁ ପିଟି ହତ୍ୟା ଅଭିଯୋଗରେ ସ୍ୱାମୀ ଗିରଫ

**ବଡବିଲ, ୨୩।୯(ସ୍ୱ.ପ୍ର.)**

**୪ ଶିଶୁ ଏବେ ଅସହାୟ**

କେନ୍ଦୁଝର ଜିଲା ବଡବିଲ ଥାନା ଅନ୍ତର୍ଗତ ଦାମୁହଟିଂରେ ସୋମବାର ଦେବକୀ ନାମ୍ନୀ ଜଣେ ମହିଳାଙ୍କ ସହ ତାଙ୍କ ସ୍ୱାମୀ କାଳିଆ ଗୋପଙ୍କ ମଧରେ କୌଣସି କାରଣ ନେଇ ପାଟିତୁଣ୍ଡ ହୋଇଥିଲା। ଏଥିରେ କାଳିଆ ଉତ୍‌କ୍ଷିପ୍ତ ହୋଇ ଏକ ଏକ ପ୍ଲାଷ୍ଟିକ ପାଇପ୍‌ରେ ସ୍ତ୍ରୀଙ୍କୁ ପିଟିବାରୁ ତାଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ କାଳିଆଙ୍କୁ ଗିରଫ କରିଛି। ଦେବକୀଙ୍କ ମୃତ୍ୟୁ ଓ ତାଙ୍କ ସ୍ୱାମୀ ଗିରଫ ହେବାପରେ ସେମାନଙ୍କ ୪ ଜଣ ସନ୍ତାନ ଅସହାୟ ହୋଇପଡିଛନ୍ତି।

ବଡବିଲ ଥାନା ଇନ୍ସପେକ୍ଟର ସୁଶାନ୍ତ ଦାଶ ଏହି ହତ୍ୟାକାଣ୍ଡ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ପୋଲିସ ଘଟଣାସ୍ଥଳକୁ ଯାଇ ଅଭିଯୁକ୍ତ କାଳିଆଙ୍କୁ କାବୁକରିଛି। କେନ୍ଦୁଝରରୁ ସାଇଣ୍ଟିଫିକ ଟିମ୍ ଆସି ତଦନ୍ତ କରିବା ପରେ ମୃତଦେହକୁ ବ୍ୟବଚ୍ଛେଦ ଲାଗି ପଠାଯାଇଛି। ଏନେଇ ଥାନାରେ ଆଇପିସି ୩୦୨ ଦଫାରେ ଏକ ମାମଲା(ନଂ୧୮୪/୨୦୧୯) ରୁଜୁ କରାଯାଇଛି। ଅସହାୟ ହୋଇପଡ଼ିଥିବା ୪ ଶିଶୁଙ୍କୁ ଚାଇଲ୍ଡଲାଇନର ସହାୟତାରେ ଥାଇଥାନ ନିମନ୍ତେ ବ୍ୟବସ୍ଥା କରାଯିବ।

ଦେବକୀଙ୍କ ବଡ ଝିଅ ରିନୁ(୧୨) ପୋଲିସକୁ ଦେଇଥିବା ସୂଚନା ଅନୁଯାୟୀ ଗତ ୩ ବର୍ଷ ତଳେ ତାଙ୍କର ଗୋଡ ଭାଙ୍ଗିଯିବା ପରଠାରୁ ସେ ଆଉ ସ୍କୁଲ ଯାଇପାରୁ ନ ଥିଲେ। ତାଙ୍କ ସାନ ଭଉଣୀ ମିନୁ ମାମୁ ଘରେ ରହି ପାଠ ପଢୁଥିଲାବେଳେ ୩ ସାନ ଭାଇ ରବୀନ୍ଦ୍ର(୪), ବାଦଲ(୩) ଓ ଆକାଶ (୨) ଘରେ ରହୁଥିଲେ। ମା' ବାପାଙ୍କ କଳି ସେମାନଙ୍କ ଜୀବନରେ ଦୁଃଖ ଆଣିଦେଇଛି ବୋଲି ରୀନୁ କହିଥିଲେ।

# ଜିଲାପାଳ, ଏସ୍‌ପିଙ୍କୁ ଭେଟିଲେ ନିରଞ୍ଜନ

**କେନ୍ଦୁଝର, ୨୩।୯(ଡି.ଏନ୍.ଏ./ସ୍ୱ.ପ୍ର.)**

କେନ୍ଦୁଝର ଜିଲାର ବିଭିନ୍ନ ବ୍ଲକ ସମେତ ଘସିପୁରା ବ୍ଲକରେ ହେଉଥିବା ଦୁର୍ନୀତି ନେଇ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଏବଂ ତାଙ୍କ ସହିତ ଆସିଥିବା ଏକ ପ୍ରତିନିଧି ମଣ୍ଡଳୀ ଜିଲାପାଳ ଆଶିଷ ଠାକ୍‌ରେ ଓ ଏସ୍‌ପି ମିତ୍ରଭାନୁ ମହାପାତ୍ରଙ୍କୁ ସୋମବାର ସନ୍ଧ୍ୟାରେ ଉଭୟ ଅଧିକାରୀଙ୍କ କାର୍ଯ୍ୟାଳୟରେ ଭେଟି ଅଭିଯୋଗ କରିଛନ୍ତି। ଜିଲାର ବିଭିନ୍ନ ସ୍ଥାନରେ ସାଧାରଣ ଲୋକ ନ୍ୟାୟ ପାଇପାରୁନାହାନ୍ତି। ସରକାରୀ ନିୟମକାନୁନ୍ ଭିତରେ ଲୋକମାନେ ଭତ୍ତା ପାଉନାହାନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇବାରୁ ବଞ୍ଚିତ ହେଉଛନ୍ତି। ବିଶେଷ କରି ବ୍ଲକ, ତହସିଲ ଏବଂ ପଞ୍ଚାୟତରେ ଦୁର୍ନୀତି ଚରମସୀମାରେ ପହଞ୍ଚିଛି ବୋଲି ସେ ଅଭିଯୋଗ କରିଛନ୍ତି। ଏଥିସହ ଜିଲାର ଆଇନଶୃଙ୍ଖଳା ପରିସ୍ଥିତି ଓ ଟ୍ରାଫିକ୍ ସମସ୍ୟା ସମ୍ପର୍କରେ ଏସ୍‌ପିଙ୍କୁ ଅବଗତ କରାଇଛନ୍ତି। ଏହି ପ୍ରତିନିଧି ଦଳରେ ବରିଷ୍ଠ କଂଗ୍ରେସ ନେତା ଆଲୋକ ମିଶ୍ର, ସଂଗ୍ରାମ ଦାସ, ବିଦ୍ୟାଧର ଦେହୁରୀ, ଯଦୁମଣୀ ବାରିକ, ପ୍ରଶାନ୍ତ କୁମାର ଦଳେଇ, ମୋହନ ପରିଡା, ରତିକାନ୍ତ ବରାଳଙ୍କ ସମେତ ବହୁ କଂଗ୍ରେସ ନେତା ସାମିଲ ହୋଇଥିଲେ।



ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଜିଲାପାଳଙ୍କ ସହିତ ଆଲୋଚନା କରୁଛନ୍ତି।

# ସୋଲାର ଲାଇଟ୍ ଆବଣ୍ଟନରେ ପାତରଅନ୍ତର, ଅନିୟମିତତା

**ଯୋଡ଼ା ୨୩।୯(ଡି.ଏନ.ଏ.)**

କେନ୍ଦୁଝର ଜିଲାର ବଣପାହାଡ଼ ଘେରା ଯୋଡ଼ା ବ୍ଲକ ଅନ୍ତର୍ଗତ ଅନେକ ଦୁର୍ଗମ ଗାଁ ଗଣ୍ଡା ଆଜିବି ଅନ୍ଧାରୀ ମୂଲକ ହୋଇରହିଛି। ଲୋକଙ୍କ ପାଇଁ ବିଜୁଳି ଆଲୁଅ ପାଲଟିଛି ସାତସପନ। ଜିଲା ଖଣିଜ ପାଣ୍ଠି (ଡିଏମଏଫ) ବିନିଯୋଗରେ ଦୁର୍ଗମ ଗାଁ ଗଣ୍ଡାରେ ସୌର ଶକ୍ତିର ବିନିଯୋଗ ଯୋଜନା ବାଟବଣା ହୋଇପଡ଼ିଛି। ଚମକପୁର ପଞ୍ଚାୟତ ଲାଗି କିଣାଯାଇଥିବା ସୋଲାର ଷ୍ଟ୍ରିଟ୍ ଲାଇଟ୍ ଲଗାଯିବା କ୍ଷେତ୍ରରେ ପାତରଅନ୍ତର ଓ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏପରି କି କେତେକ ଗାଁକୁ ଏଥିରୁ ବାଦ ଦିଆଯାଇଥିବାରୁ ସମ୍ପୃକ୍ତ ଅଞ୍ଚଳବାସୀ ଅନ୍ଧକାରରେ ରହୁଛନ୍ତି।

ସ୍ଥାନୀୟ ଯୋଡା ବ୍ଲକର ରେଭେନ୍ସାପୁର (କ) ଗ୍ରାମବାସୀ ଜଗନ୍ନାଥ ତିରିଆ, ସୁରେଶ ମୁଣ୍ଡା, ଧୀରେନ୍ ମହାକୁଡ, ଦିଲୀପ ମହାକୁଡ, ସାରିଶ ମୁଣ୍ଡା ପ୍ରମୁଖ ଏଭଳି ଅଭିଯୋଗ କରି କହିଛନ୍ତି, ଚମକପୁର ପଞ୍ଚାୟତର ଚମକପୁର ଗ୍ରାମରେ ୩୪ଟି ସୋଲାର ଷ୍ଟ୍ରିଟ୍ ଲାଇଟ୍ ଲଗାଯିବା କଥା। କିନ୍ତୁ ୧୮ ଟି ଲଗାଯାଇଛି। ରେଭେନ୍ସାପୁର(କ) ଗ୍ରାମର ୩୨ଟି ସୋଲାର ଷ୍ଟ୍ରିଟ୍ ଲାଇଟ ପରିବର୍ତ୍ତେ ମାତ୍ର ୮ଟି ଲଗାଯାଇଛି। ଏହି ୮ଟି ଲାଇଟ୍ ମଧ୍ୟରୁ ୪ଟି ବ୍ୟକ୍ତିବିଶେଷଙ୍କ ଘର ଅଗଣାରେ ଲାଗିଛି। ଧୋବାକୁଚୁଡା ଗ୍ରାମରେ ମଧ ଜଣେ ବ୍ୟକ୍ତିଙ୍କ ଘର ନିକଟରେ ୩ଟି ସୋଲାର ଷ୍ଟ୍ରିଟ୍ ଲାଇଟ୍ ଲଗାଯାଇଛି। ରେଭେନ୍ସାପୁର(କ) ଗ୍ରାମ କାନପୁର ପ୍ରକଳ୍ପର ବୁଡି ଅଞ୍ଚଳ ହୋଇଥିବା ଦର୍ଶାଯାଇ ଏହି ଗ୍ରାମରେ ଆଦୌ ଲାଇଟ ଲଗାଯାଇନାହିଁ। ଗ୍ରାମ୍ୟ ରାସ୍ତା କଡ଼ରେ ସୋଲାର ଷ୍ଟ୍ରିଟ୍ ଲାଇଟ୍ ଲଗାଯିବାକୁ ନିର୍ଦ୍ଦେଶ ରହିଥିବା ବେଳେ ଏଥିରେ ଅନିୟମିତତା କରାଯିବା ଅଞ୍ଚଳବାସୀଙ୍କୁ ବିସ୍ମିତ କରିଛି। ସୋଲାର ଲାଇଟ୍ ଯୋଗାଣ ଆଳରେ ଲକ୍ଷାଧିକ ଡିଏମଏଫ ଟଙ୍କା ହଡ଼ପ ହେବା ସାର ହୋଇଛି। ଧୋବାକୁଚୁଡା ଗ୍ରାମର ପାତ୍ରସାହି, ମୁଣ୍ଡା ସାହି, ପାଣ୍ଡୁସାହି ଓ ନାଏକସାହିର ଭକ୍ତବନ୍ଧୁ ମହାନ୍ତ, ଶଙ୍କର୍ଷଣ ନାଏକ, କୈବଲ୍ୟ ନାଏକ, ଗିରିଧାରୀ ନାଏକ, ଶଙ୍କର ନାଏକ, ସୁନିତା ନାଏକ ପ୍ରମୁଖ କହିଛନ୍ତି, ଦୀର୍ଘ ୬ମାସ ହେବ ଏହି ପଞ୍ଚାୟତର ଅନ୍ୟ ଗ୍ରାମରେ ସୋଲାର ଷ୍ଟ୍ରିଟ୍ ଲାଇଟ୍ ଲଗାଯାଇଥିବାବେଳେ ଧୋବାକୁଚୁଡା ଗ୍ରାମକୁ ଉଦ୍ଦେଶ୍ୟମୂଳ ଭାବେ ବାଦ୍ ଦିଆଯାଇଛି। ୨ମାସ ହେବ ବିଦ୍ୟୁତ ଟ୍ରାନ୍ସଫର୍ମର ଖରାପ ହୋଇଯାଇଥିବାରୁ ଗ୍ରାମବାସୀ ଅନ୍ଧାରରେ ରହୁଛନ୍ତି। ଏହି ଅଞ୍ଚଳକୁ ଜଙ୍ଗଲ ଲାଗି ରହିଥିବାରୁ ସର୍ବଦା ହାତୀ ଭୟ ରହୁଛି । ଏହାକୁ କାନପୁର ପ୍ରକଳ୍ପ ବୁଡି ଅଞ୍ଚଳ କହି ସୋଲାର ଲାଇଟ୍ ବ୍ୟବସ୍ଥା କରା ନ ଯିବା ଘଟଣା ନେଇ ଗ୍ରାମବାସୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। ପୂର୍ବରୁ ଚମକପୁର ପଞ୍ଚାୟତର ବୁଡ଼ି ଅଞ୍ଚଳ ଚମକପୁର, ମୁରୁସୁଆଁ, ରେଭେନ୍ସାପୁର (କ), ଧୋବାକୁଚୁଡାର କଲୋନୀ ସାହିରେ ସୋଲାର ଷ୍ଟ୍ରିଟ୍ ଲାଇଟ୍ ଲଗାଯାଇଥିବାବେଳେ ଧୋବାକୁଚୁଡା ଗ୍ରାମର ପାତ୍ରସାହି, ମୁଣ୍ଡା ସାହି, ପାଣ୍ଡୁ ସାହି ଓ ନାଏକ ସାହିକୁ ସୋଲାର ଷ୍ଟ୍ରିଟ ଲାଇଟ ଯୋଜନାରୁ କାହିଁକି ବଦ୍ ଦିଆଗଲା ସେମାନେ ପ୍ରଶ୍ନ ଉଠାଇଛନ୍ତି। ଧୋବାକୁଚୁଡା ଗ୍ରାମ ୯ନଂ. ୱାର୍ଡ ମେମ୍ବର ରବିନନ୍ଦନ ମହାନ୍ତ କହିଛନ୍ତି ପଞ୍ଚାୟତ ଲାଗି ଡିଏମଏଫ ଅର୍ଥ ବ୍ୟୟରେ ବ୍ଲକ ପକ୍ଷରୁ ଠିକା ସଂସ୍ଥା ସୋଲାର ଷ୍ଟ୍ରିଟ୍ ଲାଇଟ୍ ଆବଣ୍ଟନ କରାଯାଇଛି। ପଞ୍ଚାୟତର୯ ଟି ଗ୍ରାମରେ ଥିବା ସ୍ଥାନୀୟ ୱାର୍ଡ ମେମ୍ବରଙ୍କୁ ଉପେକ୍ଷା କରାଯାଇ ମନଇଚ୍ଛା ଜାଗାରେ ସୋଲାର ଷ୍ଟ୍ରିଟ୍ ଲାଇଟ୍ ଲଗାଯାଇଛି। ଧୋବାକୁଚୁଡା ଗ୍ରାମକୁ ଲାଇଟ୍ ଯୋଗାଣରୁ ବଞ୍ଚିତ କରାଯିବାନେଇ ଗ୍ରାମବାସୀ ଦସ୍ତଖତ ସମ୍ବଳିତ ଏକ ଲିଖିତ ଅଭିଯୋଗ ପତ୍ର (ନଂ ୧୬୦୯/୨୦୧୯) ଜିଲାପାଳଙ୍କୁ ଗତ ୧୬ ତାରିଖରେ ଯୋଡ଼ା ବ୍ଲକରେ ହୋଇଥିବା ଅଭିଯୋଗ ଶୁଣାଣି ଶିବିରରେ ଦେଇଛନ୍ତି। ଅଦ୍ୟାବଧି ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇନାହିଁ। ଏ ସମ୍ପର୍କରେ ସରପଞ୍ଚ ନରହରି ନାଏକଙ୍କୁ ପଚାରିବାରୁ ସେ କହିଛନ୍ତି, ପଞ୍ଚାୟତକୁ ସମୁଦାୟ ୧୫୯ ଟି ସୋଲାର ଷ୍ଟ୍ରିଟ୍ ଲାଇଟ୍ ଯୋଗାଇ ଦିଆଯାଇଛି । କିର୍ତୀ ସୋଲାର ନାମକ ଠିକାସଂସ୍ଥା ପକ୍ଷରୁ ବିଭିନ୍ନ ଗ୍ରାମରେ ଏହାକୁ ଲଗାଯାଇଛି । ଶଙ୍କରପୁର ଗ୍ରାମରେ ୭୫ଟି ସୋଲାର ଷ୍ଟ୍ରିଟ୍ ଲାଇଟ୍ ଲାଗିଥିବାବେଳେ ବୁଡ଼ି ଅଞ୍ଚଳ ରେଭେନ୍ସାପୁର(କ) ଗ୍ରାମରେ କେବଳ ୮ଟି ଲଗାଯାଇଛି। ବ୍ୟକ୍ତି ବିଶେଷଙ୍କ ଘରେ କାହିଁକି ସୋଲାର ଷ୍ଟ୍ରିଟ୍ ଲାଇଟ୍ ଲଗାଯାଇଛି ବୋଲି ପ୍ରଶ୍ନ କରାଯିବାରୁ, ତାହାକୁ ଖୋଲି ଅନ୍ୟତ୍ର ଲଗାଯିବ ବୋଲି ସେ କହିଥିଲେ। ଠିକାସଂସ୍ଥା ପକ୍ଷରୁ ସୋଲାର ଲାଇଟ୍ ସଂଯୋଗ୍ ହେବା ପରେ କାଗଜପତ୍ରରେ ପଞ୍ଚାୟତ କର୍ତ୍ତୃପକ୍ଷ ଦସ୍ତଖତ ଦେବା ନେଇ ବିବାଦ ହୋଇଛି। ଏସମ୍ପର୍କରେ ସରପଞ୍ଚ ଓ ସମ୍ପୃକ୍ତ ଠିକା ସଂସ୍ଥାର ସୂଚନା ମଧ୍ୟରେ କୌଣସି ତାଳମେଳ ରହୁ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଯୋଡା ବ୍ଲକ ବିଡିଓ ଦାୟିତ୍ୱରେ ଥିବା କ୍ଷୀରୋଦ କୁମାର ବେହେରାଙ୍କୁ ପଚାରିବାରୁ, ସେ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି।

ଧରିତ୍ରୀ
DHARITRI
ବାଲେଶ୍ୱର, ମଙ୍ଗଳବାର, ୨୪ ସେପ୍ଟେମ୍ବର, ୨୦୧୯



## ସଂକ୍ଷେପରେ

### ଡାକ୍ତରଙ୍କୁ ମାଡ଼, ଥାନାରେ ଅଭିଯୋଗ

ବାରିପଦା ଅଫିସ,୨୩।୯-ମୟୂରଭଞ୍ଜ ଜିଲା କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ରୋଗୀ ମୃତ୍ୟୁକୁ ନେଇ ସୋମବାର ଉତ୍ତେଜନା ଦେଖାଦେଇଥିଲା। ଭୁଲ ଚିକିତ୍ସା ଯୋଗୁଁ ରୋଗୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ କରି ମୃତକଙ୍କ ପରିବାର ଲୋକେ ଓ ସ୍ଥାନୀୟ ଜନସାଧାରଣ ଚିକିତ୍ସା କରିଥିବା ଡାକ୍ତରଙ୍କୁ ମାଡ ମାରିଥିଲେ। ଫଳରେ ଘଟଣାସ୍ଥଳରେ ଉତ୍ତେଜନା ଦେଖାଯାଇଥିଲା। ମୃତ ମହିଳା ଜଣକ ହେଲେ କରଞ୍ଜିଆ ସହରର ଦିଲ୍ଲୀପ କୁମାର ସାହୁଙ୍କ ସ୍ତ୍ରୀ ମନ୍ଦାକିନୀ(୩୫)। ଉଲ୍ଲେଖଯୋଗ୍ୟ ଯେ, ମନ୍ଦାକିନୀଙ୍କର ୨ ଟି ଝିଅ ଅଛନ୍ତି। ଜଣେ ୫ବର୍ଷର ହୋଇଥିବା ବେଳେ ଜଣେ ୬ ମାସର। ଏଥିନେଇ ୨ ଜଣ ଡାକ୍ତର ଥାନାରେ ଅଭିଯୋଗ କରିଥିବା ଜଣାପଡିଛି।

### ଶିଶୁକନ୍ୟାଙ୍କୁ ବଳାତ୍କାର ଅଭିଯୋଗ, ସମ୍ପର୍କୀୟ କକା ଗିରଫ

ରାଇରଙ୍ଗପୁର,୨୩।୯(ଡି.ଏନ୍.ଏ.): ମୟୂରଭଞ୍ଜ ଜିଲା ଯାମଦା ଥାନା ଅଞ୍ଚଳରେ ସୋମବାର ଏକ ଲଜ୍ଜାଜନକ ଘଟଣା ଘଟିଛି। ଜନୈକା ୩ ବର୍ଷର ଶିଶୁକନ୍ୟା ସକାଳେ ଘର ସମ୍ମୁଖରେ ଏକୁଟିଆ ଖେଳୁଥିବା ବେଳେ ଜଣେ ସମ୍ପର୍କୀୟ କକା ତାଙ୍କୁ ନିଜ ଘରକୁ ଡାକି ନେଇ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଶିଶୁ କନ୍ୟାଙ୍କ ବାପାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏଥିନେଇ ପୋଲିସ ଏକ ମାମଲା(ନଂ.୩୫/୧୯)ରୁଜୁ କରିଛି। ରାଇରଙ୍ଗପୁର ହସ୍ପିଟାଲରେ ପୀଡିତା ଶିଶୁକନ୍ୟା ଓ ଅଭିଯୁକ୍ତଙ୍କର ଡାକ୍ତରୀମାଇନା କରାଯାଇଛି।

### ବାଇକ୍‌ରୁ ଖସି ସ୍ତ୍ରୀ ମୃତ, ସ୍ୱାମୀ ଆହତ

ରାଇରଙ୍ଗପୁର,୨୩।୯(ଡି.ଏନ୍.ଏ.): ମୟୂରଭଞ୍ଜ ଜିଲା ତିରିଂ ଥାନା ଅନ୍ତର୍ଗତ ମାଙ୍ଗିଡ଼ଡ଼ିହି ନିକଟସ୍ଥ ୨୨୦ ନଂ. ଜାତୀୟ ରାଜପଥରେ ରବିବାର ଏକ ବାଇକ୍ ଦୁର୍ଘଟଣାରେ ସ୍ତ୍ରୀଙ୍କ ମୃତ୍ୟୁ ଘଟିଥିବା ବେଳେ ସ୍ୱାମୀ ଗୁରୁତର ଆହତ ହୋଇଛନ୍ତି। ଝାଡ଼ଖଣ୍ଡ ରାଜ୍ୟ ମଞ୍ଜରୀ ଥାନା ଅଞ୍ଚଳର ଶକ୍ତି ସିଂ ସ୍ତ୍ରୀ ବନ୍ଦନାଙ୍କୁ ବାଇକ୍‌ରେ ବସାଇ ଯାଇଥିବା ବେଳେ ଏକ ବୁଲା କୁକୁର ସହ ଧକ୍କା ହେଇଥିଲା। ଫଳରେ ବାଇକ୍‌ରୁ ଖସି ବନ୍ଦନା ମୃତ୍ୟୁବରଣ କରିଥିବା ବେଳେ ସ୍ୱାମୀ ଶକ୍ତି ସିଂ ଆହତ ହୋଇଛନ୍ତି। ଖବରପାଇ ପୋଲିସ ମୃତଦେହ ଜବତ କରି ରାଇରଙ୍ଗପୁର ହସ୍ପିଟାଲରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏଥିନେଇ ଥାନାରେ ଏକ ମାମଲା(୬୯/୧୯) ରୁଜୁ ହୋଇଛି।

### ବାଲି ବୋଝେଇ ଗାଡ଼ି ଜବତ

ବଡ଼ସାହି,୨୩।୯(ସ୍ୱ.ପ୍ର)- ବଡ଼ସାହି ଥାନା ଅଧୀନ ପ୍ରତାପପୁର-ବେଲାମ ରାସ୍ତାରେ ଚୋରା ଚାଲାଣ ହେଉଥିବା ଏକ ବାଲି ବୋଝେଇ ଟ୍ରକକୁ ପୋଲିସ ଜବତ କରିଛି । ବୁଢ଼ାବଳଙ୍ଗ ନଦୀରୁ ଚୋରାରେ ବାଲି ବୋଝେଇ କରିଯାଉଥିବା ଟ୍ରକ ଡ୍ରାଇଭର ବାଲିର ପରମିଟ ଦେଖାଇ ନ ପାରିବାରୁ ପୋଲିସ ଗାଡିକୁ ଜବତ କରିଛି । ଏ ସଂକ୍ରାନ୍ତରେ ତହସିଲଦାରଙ୍କୁ ଅବଗତ କରାଯାଇ ଜରିମନା ଆଦାୟ କରାଯିବ ବୋଲି ପୋଲିସ ସୂତ୍ରରୁ ଜଣାପଡିଛି ।

### ଛାତ୍ରୀଙ୍କୁ କମେଣ୍ଟ ମାରି ଯୁବକ ଅଟକ

ବାରିପଦା ଅଫିସ,୨୩।୯- ମୟୂରଭଞ୍ଜ ଜିଲା ପୋଲିସ ମୁଖ୍ୟ କାର୍ଯ୍ୟାଳୟ ନିକଟସ୍ଥ ଛକ ସମ୍ମୁଖରେ ଜନୈକା ଛାତ୍ରୀଙ୍କୁ ଜଣେ ଯୁବକ କମେଣ୍ଟ ମାରିବା ସହିତ ଅଶ୍ଳୀଳ ଇଙ୍ଗିତ ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଛି। ଏନେଇ ଛାତ୍ରୀ ଜଣକ ବାରିପଦା ଟାଉନ ଥାନାକୁ ଖବର ଦେବା ପରେ ସମ୍ପୃକ୍ତ ଯୁବକଙ୍କୁ ପୋଲିସ ଅଟକ ରଖିଛି।

# କର୍ମଶାଳାରେ ହୋହଲ୍ଲା, ଅଧାରୁ ବନ୍ଦ

## ପୁରୁଣା କର୍ମୀଙ୍କୁ ଅଣଦେଖା ଅଭିଯୋଗ

ବାରିପଦା ଅଫିସ,୨୩।୯

ସମଗ୍ର ରାଜ୍ୟରେ ବିଜୁ ଜନତା ଦଳ ପକ୍ଷରୁ ସଭ୍ୟ ସଂଗ୍ରହ ଅଭିଯାନ ଚାଲିଛି। ଏହି ପରିପ୍ରେକ୍ଷୀରେ ମୟୂରଭଞ୍ଜ ଜିଲା ବିଜେଡି ପକ୍ଷରୁ ବାରିପଦା ଷ୍ଟେସନ ବଜାର ସ୍ଥିତ ବିବାହ ମଣ୍ଡପଠାରେ ସଭ୍ୟ ସଂଗ୍ରହ ଅଭିଯାନର କର୍ମଶାଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କର୍ମୀଙ୍କୁ ଅଣଦେଖା କରାଯାଉଥିବା ଅଭିଯୋଗ ନେଇ ହୋହଲ୍ଲା ହେବାରୁ ବୈଠକ ଅଧାରୁ ବନ୍ଦ ହୋଇଥିଲା।

ଜିଲା ସଭାପତି ଦେବାଶିଷ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବାରିପଦା ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ତଥା ଭୁବନେଶ୍ୱର(ଉତ୍ତର) ବିଧାୟକ ସୁଶାନ୍ତ ରାଉତ ଯୋଗଦେଇ କର୍ମୀ ତଥା ନେତୃବୃନ୍ଦଙ୍କୁ ସଭ୍ୟ ସଂଗ୍ରହ ଅଭିଯାନର କାର୍ଯ୍ୟଶୈଳୀ ଓ ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଏହ ସମୟରେ ଜିଲା ସମ୍ପାଦକ ସୁଜିତ କୁମାର ମହାନ୍ତି ଦଳରେ କର୍ମୀମାନଙ୍କୁ ଅବହେଳା କରାଯାଉଥିବା ଅଭିଯୋଗ କରିଥିଲେ। ସଭ୍ୟ ସଂଗ୍ରହ ଅଭିଯାନ କିଛି ହାତ ଗଣତି ନେତା ନିଜ ହିସାବରେ କାର୍ଯ୍ୟ କରୁଛନ୍ତି। ଦଳର ପୁରୁଖା ନେତାମାନଙ୍କୁ ଦାୟିତ୍ୱ ଦିଆ ନ ଯାଇ ଅଳ୍ପ ଦିନ ହେବ ଦଳକୁ ଆସିଥିବା ନେତା ମାନଙ୍କୁ ଏହି ଦାୟିତ୍ୱ ଦିଆଯାଉଥିବା ଅଭିଯୋଗ କରିଥିଲେ। ଏହା ପରେ ଅନ୍ୟ ନେତୃବୃନ୍ଦମାନେ ଅନୁରୂପ ଅଭିଯୋଗ କରି ହୋହଲ୍ଲା କରିଥିଲେ। ଏହା ବ୍ୟତୀତ ଜିଲାରେ କର୍ମୀଙ୍କୁ ଚିହ୍ନି ନ ଥିବା ନେତୃବୃନ୍ଦଙ୍କୁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦିଆଯାଉଥିବା ମଧ୍ୟ କର୍ମୀମାନେ ଅଭିଯୋଗ କରି ସଭା ସ୍ଥଳରୁ ବାହାରକୁ ଚାଲି ଆସିଥିଲେ। ଜିଲାରେ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ଦଳୀୟ କାର୍ଯ୍ୟାଳୟରେ ଆବଶ୍ୟକ ଭିତ୍ତିଭୂମୀ ଥିବା ସତ୍ତ୍ୱେ ଏଠାରେ କାର୍ଯ୍ୟକ୍ରମ ନ କରି ବାହାର ସ୍ଥାନରେ କାର୍ଯ୍ୟକ୍ରମ କରାଯାଉଥିବା ଘଟଣାକୁ ମଧ୍ୟ କର୍ମୀମାନେ ବିରୋଧ କରିଥିଲେ। ଫଳରେ ସଭାକୁ ଅଧାରେ ବନ୍ଦ କରିବାକୁ ପଡିଥିଲା। ପରେ ସଭାରେ ଅଭିଯୋଗ କରିଥିବା ବିଜେଡି ନେତା ସୁଜିତ କୁମାର ମହାନ୍ତିଙ୍କ ସହିତ ପର୍ଯ୍ୟବେକ୍ଷକ ରାଉତ ବ୍ୟକ୍ତିଗତ ଭାବେ ଆଲୋଚନା କରିଥିଲେ। ଅନ୍ୟ ନେତୃବୃନ୍ଦମାନଙ୍କ ସହିତ ଆଲୋଚନା କରି ସମସ୍ତେ ମିଳିମିଶି ଦଳୀୟ କାର୍ଯ୍ୟକ୍ରମକୁ ଆଗକୁ ନେବା ପାଇଁ ଉପଦେଶ ଦେଇଥିଲେ। ବୈଠକରେ ଜିଲା କାର୍ଯ୍ୟକାରୀ ସଭାପତି ଡା.ଦେବାଶିଷ ମାରାଣ୍ଡି, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁଦାମ ମାରାଣ୍ଡି, ଯୁବ ବିଜେଡିର ଉତ୍ତର ଓଡ଼ିଶା ଜୋନ ସଭାପତି ସୁବ୍ରମଣ୍ୟମ ମହାନ୍ତି, ଜିଲା ଯୁବ ବିଜେଡି ସଭାପତି ଜିତେନ୍ଦ୍ର ମହାନ୍ତି, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ପୂର୍ବତନ ବିଧାୟକ ଭାଦବ ହାଁସଦା, ମହିଳା ସଭାନେତ୍ରୀ ବୀଣାପାଣି ସାହୁ,ପୂର୍ବତନ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ମହିଳା ନେତ୍ରୀ ସମ୍ପା ମଜୁମଦାର ପ୍ରମୁଖଙ୍କ ସମେତ ଆଗଧାଡ଼ିର ନେତୃବୃନ୍ଦମାନେ ଉପସ୍ଥିତ ଥିଲେ। ସେହିପରି ଏହି କାର୍ଯ୍ୟକ୍ରମକୁ ସ୍ୱତନ୍ତ୍ର ଭାବେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଡକାଯାଇଥିଲା। ମାତ୍ର ଖବର ସଂଗ୍ରହ ପାଇଁ କୌଣସି ବ୍ୟବସ୍ଥା କରା ନ ଯାଇ ସେମାନଙ୍କୁ ଅଣଦେଖା କରାଯାଇଥିଲା। ଫଳରେ ଗଣମାଧ୍ୟମ ପ୍ରତିନିଧିମାନେ ଏହି କାର୍ଯ୍ୟକ୍ରମକୁ ବର୍ଜନ କରିଥିଲେ।



ପର୍ଯ୍ୟବେକ୍ଷକ କର୍ମୀମାନଙ୍କୁ ଉଦ୍‌ବୋଧନ ଦେଉଛନ୍ତି।

# ଯୁବ ସଂସଦ ଓ ପୋଷଣ ସପ୍ତାହ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ମହିଳା ସଂଗଠନର ସଦସ୍ୟାମାନେ।

ବାରିପଦା ଅଫିସ,୨୩।୯-

ଶ୍ୟାମାଖୁଣ୍ଟା ବ୍ଲକ ଅନ୍ତର୍ଗତ ରଙ୍ଗାମାଟିଆ ବନଭୂମି ମହାବିଦ୍ୟାଳୟଠାରେ ନେହେରୁ ଯୁବକେନ୍ଦ୍ର ଆନୁକୂଲ୍ୟରେ ବ୍ଲକସ୍ତରୀୟ ଯୁବ ସଂସଦ ଓ ପୋଷଣ ସପ୍ତାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜାତୀୟ ଯୁବ ସ୍ୱେଚ୍ଛାସେବୀ ସୁଶ୍ରୀ ନାୟକ ଓ କାର୍ତ୍ତିକେଶ୍ୱର ଗିରିଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କଲେଜର ଯୁକ୍ତ ୩ ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ମହାନ୍ତ, ଯୁକ୍ତ ୨ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ପରିଡ଼ା, ପୂର୍ବତନ ଏନଏସଏସ ପ୍ରୋଗ୍ରାମ ଅଫିସର ହରିଶ୍ଚନ୍ଦ୍ର ମହାନ୍ତ ପ୍ରମୁଖ ସମ୍ମାନନୀୟ ଅତିଥି ଭାବରେ ଯୋଗଦେଇ ଯୁବ ସମାଜରେ ଶୃଙ୍ଖଳା ଏବଂ ଉନ୍ନତିର ମହତ୍ତ୍ୱ ବିଷୟରେ ନିଜନିଜ ଅଭିଭାଷଣରେ ମତ ରଖିଥିଲେ। ରଙ୍ଗାମାଟିଆ ପଞ୍ଚାୟତର ପି.ଆର.ଆଇ. ମେମ୍ବର ଭଗତ ହାଁସଦା ସରକାରଙ୍କ ବିଭିନ୍ନ ଯୋଜନାରୁ ଲୋକେ କିପରି ଲାଭ ଉଠାଇ ପାରିବେ ସେ ବିଷୟରେ ଆଲୋଚନା କରିଥିଲେ। ମହାବିଦ୍ୟାଳୟର ଅଧ୍ୟାପକ ପ୍ରମୋଦ କୁମାର କର ଏବଂ ଅନିମା ରାଉତ ପୋଷଣ ସପ୍ତାହର ମହତ୍ତ୍ୱ ବିଷୟରେ ଆଲୋକପାତ କରିଥିବାବେଳେ ଏନଏସ୍ଏସ୍‌ର ଛାତ୍ରୀଛାତ୍ର, ଯୁବ ସଂଗଠନର ସ୍ୱେଚ୍ଛାସେବୀ ଏବଂ ମହିଳା ସଂଗଠନର ସଦସ୍ୟାମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ଛାତ୍ରୀଛାତ୍ରଙ୍କ ଅଜାଣତରେ ଋଣ ଉଠାଣ

ବାରିପଦା ଅଫିସ,୨୩।୯

ମୟୂରଭଞ୍ଜ ଜିଲା ଚିତ୍ରଡ଼ା ଅଞ୍ଚଳର ଏକ ବୈଷୟିକ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଅଜାଣତରେ କଲେଜ କର୍ତ୍ତୃପକ୍ଷ ସେମାନଙ୍କ ନାମରେ ବ୍ୟାଙ୍କରୁ ଋଣ କରିଥିବା ଅଭିଯୋଗ ହୋଇଛି। ଏଥିନେଇ ୭୦ ଜଣ ଛାତ୍ରୀଛାତ୍ର ସୋମବାର ରାତି ପ୍ରାୟ ୮ ଟା ବେଳେ ବର୍ଷାରେ ଭିଜି ଭିଜି କଲେଜ କର୍ତ୍ତୃପକ୍ଷଙ୍କ ବିରୋଧରେ ମୋରଡା ଥାନାରେ ଅଭିଯୋଗ କରିବାକୁ ବାହାରିଥିବା ଦେଖିବାକୁ ମିଳିଥିଲା। ଅଭିଯୋଗ ଅନୁଯାୟୀ, କଲେଜ କର୍ତ୍ତୃପକ୍ଷ ଛାତ୍ରୀଛାତ୍ରଙ୍କ ନାମରେ ବ୍ୟାଙ୍କରୁ ଋଣ ନେଇଥିବା ଜାଣିବାକୁ ପାଇ ସୋମବାର ସମସ୍ତ ଛାତ୍ରୀଛାତ୍ର ବ୍ୟାଙ୍କକୁ ଯାଇ ପଚାରି ବୁଝିଥିଲେ। ବ୍ୟାଙ୍କ ଅଧିକାରୀ ୧୬ ଜଣଙ୍କ ବ୍ୟାଙ୍କ ଷ୍ଟେଟମେଣ୍ଟ ବାହାର କରିଥିବା ବେଳେ ସମସ୍ତଙ୍କ ନାମରେ ଋଣ ହୋଇଥିବା ଜାଣିବାକୁ ପାଇଥିଲେ। କଲେଜ କର୍ତ୍ତୃପକ୍ଷଙ୍କୁ ଏ ନେଇ ସେମାନେ ପଚାରିବାରୁ କିଛି ସନ୍ତୋଷଜନକ ଉତ୍ତର ପାଇ ନ ଥିଲେ। ପରେ ସେମାନେ ମୋରଡା ଥାନାକୁ ଯାଇ ଅଭିଯୋଗ କରିବାକୁ ନିଷ୍ପତ୍ତି ନେଇଥିଲେ। ଥାନାକୁ ଯିବା ପାଇଁ କିଛି ସୁବିଧା ନ ଥିବାରୁ ସେମାନେ ବର୍ଷା ସତ୍ତ୍ୱେ ଚାଲି ଚାଲି ବାହାରିଥିଲେ। ଖବର ଲେଖାଯିବା ପର୍ଯ୍ୟନ୍ତ ସେମାନଙ୍କୁ ବୁଝା ସୁଝା ପାଇଁ ପୋଲିସ ,ପ୍ରଶାସନ କିମ୍ବା କଲେଜ କର୍ତ୍ତୃପକ୍ଷ ପହଞ୍ଚି ନାହାନ୍ତି ।

## ସପ୍ତମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ

ଚିତ୍ରଡା,୨୩।୯(ଡି.ଏନ୍.ଏ.)–ମୋରଡ଼ା ଥାନା ଚିତ୍ରଡା ଫାଣ୍ଡି ଅଧିନ ଗୋଡିଗାଁ ସରକାରୀ ଉଚ୍ଚ ବିଦ୍ୟାଳୟର ସପ୍ତମ ଶ୍ରେଣୀର ଜଣେ ଛାତ୍ରଙ୍କ ରବିବାର ମୃତ୍ୟୁ ଘଟିଛି। ମୃତ ଛାତ୍ର ଜଣକ ହେଲେ ବୁଦ୍ଧିଆ ମୁର୍ମୁ । ତାଙ୍କ ଘର ଖାରପୋଖରିଆ ଥାନା ଅଧୀନ ଜାମୁଗୁଣ୍ଡିଆ ଗ୍ରାମରେ। ଚିତ୍ରଡା ଫାଣ୍ଡି ଅଧିକାରୀ ରାଜେନ୍ଦ୍ର ମଣ୍ଡଳ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଏକ ଅପମୃତ୍ୟୁ ମାମଲା (ନଂ.୨୩/୧୯) ରୁଜୁ କରିଛନ୍ତି। ଛାତ୍ର ମୃତ୍ୟୁର ପ୍ରକୃତ କାରଣ ଜଣାପଡିନାହିଁ। ରବିବାର ମଧ୍ୟାହ୍ନରେ ଛାତ୍ରାବାସରେ ବୁଦ୍ଧିଆ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ଛାତ୍ରାବାସ ଦାୟିତ୍ୱରେ ଥିବା ଶିକ୍ଷକ ବୈଦ୍ୟନାଥ ମହାନ୍ତ ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ବୁଦ୍ଧିଆଙ୍କ ବାପା ତାଙ୍କୁ ପ୍ରଥମେ କିଷାନ୍ତତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବାରିପଦା ମେଡିକାଲ ନେଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା।

## ଅଭିଯୋଗ ନ ରଖି ହଇରାଣ କଲା ପୋଲିସ

ବାରିପଦା ଅଫିସ,୨୩।୯

ଜିଲା ପୋଲିସ ମୁଖ୍ୟ ଲୋକଙ୍କୁ ପୋଲିସ ସେବା ଯୋଗାଇବା ପାଇ ସମସ୍ତ ଅଧିକାରୀ ଯତ୍ନବାନ ଥିବା କହୁଥିବା ବେଳେ ବାରିପଦା ଟାଉନ ଥାନା ପୋଲିସ ଅଭିଯୋଗକାରୀଙ୍କ ଅଭିଯୋଗ ଶୁଣୁ ନ ଥିବା ଅଭିଯୋଗ ହୋଇଛି। ସୋମବାର ବାସନ୍ତୀ ଘଡେଇ ନାମକ ଜଣେ ମହିଳା ଗଣମାଧ୍ୟମ ନିକଟରେ ଏହି ଅଭିଯୋଗ କରିଛନ୍ତି। ବାସନ୍ତୀଙ୍କ କହିବା ମୁତାବକ ତାଙ୍କୁ ତାଙ୍କର ଜଣେ ସମ୍ପର୍କୀୟ ରବିବାର ମାଡ଼ ମାରି ଲହୁ ଲୁହାଣ କରି ପକାଇଥିଲେ। ଏନେଇ ସେ ରବିବାର ସନ୍ଧ୍ୟାରେ ଟାଉନ ଥାନାକୁ ଆସି ଲିଖିତ ଅଭିଯୋଗ କରିଥିଲେ। ମାତ୍ର ତାଙ୍କ ଅଭିଯୋଗକୁ କେହି ଅଧିକାରୀ ଗୁରୁତ୍ୱ ଦେଇ ନ ଥିଲେ। ଅପେକ୍ଷା କରିବାକୁ କହିଥିଲେ। ପରେ ଆସନ୍ତାକାଲି ଆସିବାକୁ କହିବାରୁ ସେ ରାତି ୯ ଟା ବେଳେ ସେ ଏକୁଟିଆ ଚାଲିଚାଲି ଘରକୁ ଯାଇଥିଲେ। ସୋମବାର ଦିନ ପ୍ରାୟ ୧୨ ଟା ବେଳେ ଥାନାକୁ ଆସିଥିଲେ ମଧ୍ୟ ପୋଲିସ ତାଙ୍କ କଥା ନ ଶୁଣି ଅପେକ୍ଷା କରିବାକୁ କହିଥିଲା। ପରେ ଗଣମାଧ୍ୟମ ପ୍ରତିନିଧିମାନେ ଏହି ଘଟଣାରେ ହସ୍ତକ୍ଷେପ କରିବା ପରେ ପୋଲିସ ଏକ ଗାଡ଼ି ପଠାଇ ମହିଳାଙ୍କୁ ଆକ୍ରମଣ କରିଥିବା ବ୍ୟକ୍ତିଙ୍କୁ ଥାନାକୁ ଆଣିଥିଲା। ତେବେ ପୋଲିସ ଅଧିକାରୀମାନଙ୍କ ମାନସିକତାରେ ପରିବର୍ତ୍ତନ ନ ହେଲେ ଜନସାଧାରଣଙ୍କ ନିକଟତର ହୋଇ ପାରିବ ନାହିଁ ବୋଲି ବୁଦ୍ଧିଜୀବି ମହଲରେ ଆଲୋଚନା ହେଉଛି।

## ମଦ ବେପାରୀ ଗିରଫ

ବଡ଼ସାହି,୨୩।୯(ସ୍ୱ.ପ୍ର)–ବଡ଼ସାହି-ମାଣତ୍ରୀ ରାସ୍ତାରେ ଦେଶୀ ମହୁଲୀ ମଦ ନେଇ ଯାଉଥିବା ଜଣେ ଅଭିଯୁକ୍ତଙ୍କୁ ବଡ଼ସାହି ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ବାଲେଶ୍ୱର ଜିଲା ରେମୁଣା ଥାନା ଅଧୀନ ମନ୍ଦାରପୁର ଗ୍ରାମର ରାଜେନ୍ଦ୍ର ଦାସ। ତାଙ୍କ ଠାରୁ ଏକ ମଟର ସାଇକେଲ ଓ ୨୫ଲିଟର ଦେଶୀ ମଦ ଜବତ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି ।

# ମୟୂରଭଞ୍ଜ ମୁଢ଼ି ପ୍ରଥମ ପସନ୍ଦ

ନ୍ୟାୟ ପାଇଁ ଲଢୁଥିବା ଲୋକଙ୍କ ପାଇଁ କାର୍ଯ୍ୟ କରିବା ମନୋବୃତ୍ତି ରଖି ପୋଲିସ ବିଭାଗକୁ ବାଛିଥିଲି ମୟୂରଭଞ୍ଜ ଜିଲାର ନୂତନ ପୋଲିସ ଅଧୀକ୍ଷକ (ଏସପି) ଭାବେ ଗତ ଅଗଷ୍ଟ ୨୭ ତାରିଖରେ ଦାୟିତ୍ୱ ନେଇଛନ୍ତି ପରମାର ସ୍ମିଥ ପୁରୁଷୋତ୍ତମ ଦାସ। ପୂର୍ବରୁ ସେ ନୂଆପଡା ଜିଲାରେ ଏସପି ଭାବେ କାର୍ଯ୍ୟ କରୁଥିଲେ। ୨୦୧୩ ବ୍ୟାଚର ଆଇପିଏସ ଅଫିସର ପରମାର ପୂର୍ବରୁ ଯାଜପୁର, ଢେଙ୍କାନାଳ, କଳାହାଣ୍ଡି, କୋରାପୁଟ ଓ ନୂଆପଡା ଜିଲାରେ କାର୍ଯ୍ୟ କରିସାରିଛନ୍ତି। ଏବେ ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲାରେ କେତେକ ନୂଆ ଆଭିମୁଖ୍ୟ ନେଇ ସେ କାର୍ଯ୍ୟ କରିବା ସହ ଦୁର୍ଗମ ଇଲାକାର ଲୋକଙ୍କ ମଧ୍ୟରେ ବସା ବାନ୍ଧିଥିବା ଅନ୍ଧବିଶ୍ୱାସ ଦୂର କରିବା ଏବଂ ଆନ୍ତଃରାଜ୍ୟ ଅପରାଧ ରୋକିବା ଲାଗି ଉଦ୍ୟମ ଆରମ୍ଭ କରି ଚର୍ଚ୍ଚାକୁ ଆସିଛନ୍ତି। ସେ ଜିଲାର ଯୁବଗୋଷ୍ଠୀ, ବରିଷ୍ଠ ନାଗରିକ ଓ ସ୍ୱେଚ୍ଛାସେବୀ ସଂଗଠନ ଏବଂ ଜନସାଧାରଣଙ୍କ ସହଯୋଗ ନେଇ ଏହି କାର୍ଯ୍ୟ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଜଣେ ସାଧାରଣ ମଣିଷ ଭଳି ଜୀବନ ଜିଉଥିବା ପରମାର ମୟୂରଭଞ୍ଜ ଆସିବା ପରେ ସ୍ଥାନୀୟ ଲୋକଙ୍କ ଜୀବନଧାରା, କଳା, ସଂସ୍କୃତି ଓ ଖାଦ୍ୟରୁଚି ସହିତ ପରିଚିତ ହେବାରେ ଲାଗିଛନ୍ତି । ଏଠି ମୟୂରଭଞ୍ଜର ମୁଢ଼ି ତାଙ୍କର ପ୍ରଥମ ପସନ୍ଦ ପାଲଟିଛି। ନ୍ୟାୟ ପାଇଁ ଲଢୁଥିବା ଲୋକଙ୍କ ସକାଶେ କାର୍ଯ୍ୟ କରିବା ମନୋବୃତ୍ତି ରଖି ସେ ପୋଲିସ ବିଭାଗ ଚାକିରିକୁ ବାଛିଥିଲେ ବୋଲି ଏକ ସାକ୍ଷାତ୍‌କାରରେ କହିଛନ୍ତି। ତାଙ୍କ ବ୍ୟକ୍ତିଗତ ଜୀବନଶୈଳୀ, ଲକ୍ଷ୍ୟ ଓ ଆଦର୍ଶ ସମ୍ପର୍କରେ ପଚରାଯାଇଥିବା ୫ଟି ପ୍ରଶ୍ନର ସେ ଉତ୍ତର ଦେଇଥିଲେ ଏହିପରି...

୫ଟି ପ୍ରଶ୍ନ


ଏସ୍‌ପି ପରମାର ସ୍ମିଥ ପୁରୁଷୋତ୍ତମ ଦାସ

**● ଆପଣଙ୍କ ସକାଳ କେମିତି ଆରମ୍ଭ ହୁଏ ।**

ମୋର ଜୀବନଶୈଳୀ ଅତି ସାଧାରଣ। ସକାଳ ୬ ଟା ସୁଦ୍ଧା ଶେଯରୁ ଉଠି ନିତ୍ୟକର୍ମ ସାରିବା ପରେ ଟେନିସ ଖେଳିବାକୁ ଭଲପାଏ। ଏଥିସହ ହାଲ୍‌କା ବ୍ୟାୟାମ କରି ବିଭିନ୍ନ ବହି ଓ ଖବରକାଗଜ ପଢିଥାଏ। ସକାଳ ଜଳଖିଆରେ କ୍ଷୀର ଓ କର୍ଣ୍ଣଫ୍ଲେକ୍ସ ଖାଏ। ଜଣେ ସାକାହାରି ବ୍ୟକ୍ତି ହୋଇଥିବାରୁ ମଧ୍ୟାହ୍ନଭୋଜନରେ ପନିପରିବା ଓ ବିନା ମସଲା ଯୁକ୍ତ ଖାଦ୍ୟ ଖାଇଥାଏ। ରାତ୍ର ଖାଇବାରେ ବିଭିନ୍ନ ସମୟରେ ମୁଢ଼ି ଓ ମିକ୍ସ୍‌ଚର ଖାଇଥାଏ। ଜିଲାର ବିଭିନ୍ନ ଥାନା ପରିଦର୍ଶନରେ ଗଲାବେଳେ ସାଙ୍ଗରେ ଏବେ ବାରିପଦା ମୁଢ଼ି ନେଇଯାଉଛି। ସ୍ଥାନୀୟ ଲୋକଙ୍କ ଚଳଣି ଓ ସଂସ୍କୃତି ସମ୍ପର୍କରେ ଅଧିକ ଜାଣିବାକୁ ଆଗ୍ରହ ରଖି କାର୍ଯ୍ୟ କରୁଛି।

**● କାର୍ଯ୍ୟବ୍ୟସ୍ତତା ଭିତରେ ଅବସର ସମୟ କିଭଳି କଟାନ୍ତି ।**

ପୋଲିସ ବିଭାଗ ପଦପଦବୀରେ କାର୍ଯ୍ୟ କରିବାରେ ଅଧିକ ଦାୟିତ୍ୱବୋଧ ରହିଥାଏ। ଏଥିଲାଗି ଛୁଟି ବା ଅବସରକୁ ମୁଁ ଗୁରୁତ୍ୱ ଦେଇ ନ ଥାଏ। ଜିଲାକୁ ନୂଆ ଆସିଥିବାରୁ ଆଗୁଆ କାର୍ଯ୍ୟକ୍ରମ ନିର୍ଦ୍ଧାରଣ କରି ବିଭିନ୍ନ ଥାନା ପରିଦର୍ଶନ କରି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ମାମଲାର ସମୀକ୍ଷା ଓ ଅନୁଧ୍ୟାନ କରିଆସୁଛି। ପ୍ରତିଦିନ ପୂର୍ବାହ୍ନ ୯ ଟା ୩୦ ସୁଦ୍ଧା କାର୍ଯ୍ୟାଳୟରେ ପହଞ୍ଚି ପ୍ରଥମ ଅଧ ଘଣ୍ଟା ରୋଲ କଲ ଦେବା ପରେ କାର୍ଯ୍ୟାଳୟକୁ ଆସୁଥିବା ଲୋକଙ୍କଠାରୁ ଅଭିଯୋଗ ଶୁଣିଥାଏ। ଅପରାହ୍ନ ୨ ରୁ ୩ ଟା ମଧ୍ୟରେ ମଧ୍ୟାହ୍ନଭୋଜନ ଖାଇବାକୁ ଯାଇଥାଏ। ପୁଣି ୪ ଟା ବେଳେ କାର୍ଯ୍ୟାଳୟକୁ ଫେରି ରାତି ପ୍ରାୟ ୧୦ ରୁ ୧୧ ଟା ପର୍ଯ୍ୟନ୍ତ କାମ କରି ଘରକୁ ଫେରିଥାଏ। ରାତିରେ କିଛି ହାଲୁକା ଖାଦ୍ୟ ଖାଇ ୧୨ ଟା ସୁଦ୍ଧା ଶୋଇପଡ଼େ।

**● ନିଜ ପରିବାରରୁ କିଛି ପ୍ରେରଣା ପାଇଛନ୍ତି କି ।**

ପରିବାର ସମସ୍ତଙ୍କ ଜୀବନର ମୂଳଦୁଆ ଗଢିଥାଏ। ମୋ ଘର ଗୁଜରାଟ ରାଜ୍ୟର ଜୁନାଗଡରେ। ବାପା ପୁରୁଷୋତ୍ତମ ଦାସ ଟ୍ରେଡିଙ୍ଗ ବ୍ୟବସାୟ କରନ୍ତି, ମା' ଜାଗୃତି ଗୃହିଣୀ। ମୋର ଦୁଇ ଭଉଣୀ ଅଛନ୍ତି। ମୁଁ ଘରର ବଡ ପୁଅ। ମୋର ଜନ୍ମ ୧୯୮୯ ମାର୍ଚ୍ଚ ୭ ତାରିଖରେ। ମା' ବାପାଙ୍କ ଉତ୍ସାହ ଓ ପ୍ରେରଣା ପାଇ ପାଠପଢି ମୁମ୍ବାଇ ଆଇଆଇଟିରେ ବିଟେକ୍ ପାସ କରିଛି। ପ୍ରଥମେ ଏକ କମ୍ପାନୀରେ କାର୍ଯ୍ୟ ଆରମ୍ଭ କରିଥିଲି। ମୋର ଲକ୍ଷ୍ୟ ଓ ଆଦର୍ଶ ଥିଲା ଭିନ୍ନ । ଏଣୁ ପରେ ପୋଲିସ ଚାକିରିକୁ ବାଛିଲି। ଦୁଇ ବର୍ଷ ତଳେ ଗରିମା ତିୱାରିଙ୍କୁ ବୈଦିକ ରୀତିରେ ବିବାହ କରିଛି। ଗରିମା ବର୍ତ୍ତମାନ ଭଦ୍ରକଠାରେ ରେଲୱେ ବିଭାଗରେ ଏରିଆ ମ୍ୟାନେଜର ଭାବେ କାର୍ଯ୍ୟ କରୁଛନ୍ତି।

**● ଚାକିରି ଜୀବନରେ କେଉଁ କାର୍ଯ୍ୟ ଅଧିକ ଚ୍ୟାଲେଞ୍ଜ ମନେ ହୋଇଛି।**

ମୁଁ ପ୍ରଥମେ ଯାଜପୁର ଓ ଢେଙ୍କାନାଳ ଜିଲାରେ ପ୍ରୋବେସନର ଭାବେ କାମ ଆରମ୍ଭ କରିଥିଲି। ପରେ କଳାହାଣ୍ଡିରେ ମାଓବାଦୀ ଦମନ କାର୍ଯ୍ୟରେ ନିୟୋଜିତ ହୋଇଥିଲି। ଏହାପରେ କୋରାପୁଟ ଜିଲାରେ ଏସଡିପିଓ ଏବଂ ନୂଆପଡାରେ ଏସପି ଭାବେ କାର୍ଯ୍ୟ କରିଥିଲି। ମୋ ମତରେ ସବୁକାମ ଚ୍ୟାଲେଞ୍ଜ ସଦୃଶ। ପ୍ରତ୍ୟେକ କାମକୁ ଭଲ ଭାବେ କଲେ ଆତ୍ମ ସନ୍ତୋଷ ମିଳିଥାଏ। ପୋଲିସ ବିଭାଗରେ କାମ ଆରମ୍ଭ କରିବା ପରଠାରୁ ଲୋକଙ୍କୁ ନ୍ୟାୟ ଦେବା ଲାଗି ଉଦ୍ୟମ କରି ଆସିଛି।

**● ମୟୂରଭଞ୍ଜ ଲାଗି କିଛି ନୂଆ କରିବାକୁ ଚାହିଁବେ କି।**

ଭୌଗୋଳିକ ଅବସ୍ଥିତି ଦୃଷ୍ଟିରୁ ମୟୂରଭଞ୍ଜ ଏକ ବଡ଼ ଜିଲା। ଏଠାକାର ଅଧିବାସୀ ଅତ୍ୟନ୍ତ ସରଳ। ଏହା ସୀମାବର୍ତ୍ତୀ ଜିଲା ହୋଇଥିବାରୁ ଅପରାଧ ବୃଦ୍ଧି ଆଶଙ୍କା ରହୁଛି। ସମ୍ପ୍ରତି ଜିଲାର ବିଭିନ୍ନ ସହରରେ ଟ୍ରାଫିକ ବ୍ୟବସ୍ଥା ସୁଧାରିବା ମୋର ପ୍ରଥମ କାର୍ଯ୍ୟ ହୋଇଛି। ବାରିପଦା ସହରରେ ବିଭିନ୍ନ ଛକରେ ସିସିଟିଭି କ୍ୟାମେରା ଲଗାଇବା ଯୋଜନା କରାଯାଇଛି। ଜିଲାର ଦୁର୍ଗମ ଇଲାକାରେ ଲୋକଙ୍କ ମଧ୍ୟରେ ବସାବାନ୍ଧିଥିବା ଅନ୍ଧବିଶ୍ୱାସ ଦୂର କରିବା ସକାଶେ ଲୋକଙ୍କୁ ସଚେତନ କରାଇବି। ଜିଲାର ଯୁବ ଗୋଷ୍ଠୀ, ବରିଷ୍ଠ ନାଗରିକ ଓ ସ୍ୱେଚ୍ଛାସେବୀ ସଂଗଠନ ଏବଂ ଜନସାଧାରଣଙ୍କ ସହଯୋଗ ନେଇ ଏହି କାର୍ଯ୍ୟ କରିବାକୁ ଲକ୍ଷ୍ୟ ରଖିଛି।

ରିପୋର୍ଟ–ରବିନାରାୟଣ ଚଲାନ,ବାରିପଦା

# ପାଚିକା, ସହାୟିକାଙ୍କ ବୈଠକ

ଯଶିପୁର,୨୩।୯(ଡି.ଏନ.ଏ)

ଯଶିପୁର ହାଟ ପଡ଼ିଆଠାରେ ରବିବାର ପାଚିକା ଓ ସହାୟିକାମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରାଯାଇଥିଲା। ଦୀର୍ଘ ବର୍ଷ ଧରି ପାଚିକା ଓ ସହାୟିକାମାନେ ମଧ୍ୟାହ୍ନଭୋଜନ ପ୍ରସ୍ତୁତିରେ କାର୍ଯ୍ୟ କରି ଆସୁଥିବାବେଳେ ସେମାନଙ୍କ ମଧ୍ୟରୁ କେତେଜଣଙ୍କୁ ଛଟେଇ କରାଯାଇଛି। ଅତି କମ୍ ପାରିଶ୍ରମିକରେ ସେମାନେ କାମ କରି ଆସୁଛନ୍ତି। ତେଣୁ ତୁରନ୍ତ ଛଟେଇ କରାଯାଇଥିବା ପାଚିକା ଓ ସହାୟିକାମାନଙ୍କୁ ପୁନଃ ନିଯୁକ୍ତି ଦେବା ଓ ବକେୟା ଥିବା ୨୮ମାସର ଦରମା ଦେବାକୁ ବୈଠକରେ ଦାବି କରାଯାଇଥିଲା। ଏଥିରେ ରାଜ୍ୟ ସମ୍ପାଦିକା ଅମୂଲ୍ୟ ଦେଓ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ସମ୍ପାଦିକା ଶଙ୍କରୀ ମହାନ୍ତ, ସଭାନେତ୍ରୀ ଭାନୁମତି ମହାନ୍ତ, ଦାଖିନ ସୋରେନ ପ୍ରମୁଖଙ୍କ ସମେତ ଶତାଧିକ ପାଚିକା ଓ ସହାୟିକା ଯୋଗ ଦେଇଥିଲେ।



ଉପସ୍ଥିତ ପାଚିକା ଓ ସହାୟିକାମାନେ।

# ଚାଉଳ ନ ପାଇ ତାତିଲେ ହିତାଧିକାରୀ

କପ୍ତିପଦା,୨୩।୯(ଡି.ଏନ୍.ଏ.)

ରାସନକାର୍ଡ ସହ ଆଧାର ଲିଙ୍କ୍‌ରେ ବିଳମ୍ବ ଯୋଗୁ ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍ ଲାବଣ୍ୟଦେଇପୁର ପଞ୍ଚାୟତର ଶତାଧିକ ଗ୍ରାମବାସୀ ରାସନ ସାମଗ୍ରୀ ପାଇବାରୁ ବଞ୍ଚିତ ହୋଇଛନ୍ତି। ଏହାର ପ୍ରତିବାଦରେ ସୋମବାର ଶତାଧିକ ହିତାଧିକାରୀ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ହୋହଲ୍ଲା କରିଥିଲେ। ଏଥିନେଇ ସେଠାରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଚାଉଳ ପାଇବାରୁ ବଞ୍ଚିତ ଜନସାଧାରଣ ବାରମ୍ବାର ସ୍ଥାନୀୟ ସରପଞ୍ଚ ଓ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ସେମାନଙ୍କ ସମସ୍ୟାର ସମାଧାନ ହୋଇ ପାରି ନାହିଁ। ବ୍ଲକ୍ କାର୍ଯ୍ୟାଳୟଠାରୁ ୨୦କି.ମି ଦୂରରେ ରହୁଥିବା ଏହି ପଞ୍ଚାୟତବାସୀ ସଚେତନତାର ଅଭାବରୁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ।



ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଲବଣ୍ୟଦେଇପୁର ପଞ୍ଚାୟତବାସୀଙ୍କ ପ୍ରତିବାଦ।

ବ୍ଲକ୍ ଅଫିସରୁ ପଞ୍ଚାୟତ କାର୍ଯ୍ୟାଳୟ ପର୍ଯ୍ୟନ୍ତ କେହି ସେମାନଙ୍କ କଥା ଶୁଣୁ ନ ଥିବା ପାର ସିଂ, ଜାବି ସିଂ ଓ ବାସି ଦେଇ ପ୍ରମୁଖ କହିଛନ୍ତି । ଯାହାକୁ ନେଇ ଅସନ୍ତୋଷ ଚରମସୀମାରେ ପହଞ୍ଚିଛି । ସୋମବାର ଉକ୍ତ ପଞ୍ଚାୟତର ଧନଚତୁରୀ, ହୁଡିସାହି, କଟୁରିଆ, ଶାଣଦେଇ, ପାତାସାହି, ଡିପାସାହି, ଗଜାପଥର, ଗାଇପାଣିଖିଆ, ଅଶ୍ୱକୁଟୀ, ହଦଗୁଠ ଓ ଚାପଲସାହିର ଶତାଧିକ ଗ୍ରାମବାସୀ ମାଝୀ ହାଡାମ ତଥା ସମାଜସେବୀ ଜୟ ମୁର୍ମୁଙ୍କ ନେତୃତ୍ୱରେ କପ୍ତିପଦା ବ୍ଲକ୍ କାର୍ଯ୍ୟାଳୟରେ ପହଞ୍ଚି ପ୍ରତିବାଦ କରିବା ସହିତ ବିଡିଓଙ୍କୁ ଏହି ସମସ୍ୟାର ସମାଧାନ ପାଇଁ ଲିଖିତ ଅଭିଯୋଗପତ୍ର ଦେଇଥିଲେ। ବ୍ଲକ୍ ଯୋଗାଣ ଅଧିକାରିଣୀଙ୍କ ଦୃଷ୍ଟି ମଧ୍ୟ ଆକର୍ଷଣ କରିଛନ୍ତି । ଉପସ୍ଥିତ ଥିବା ଗ୍ରାମବାସୀ ରାସନକାର୍ଡ ସହିତ ଆଧାର ନମ୍ବରକୁ ଲିଙ୍କ ପାଇଁ ଫର୍ମ ଦାଖଲ କରିଛନ୍ତି। ବିଡିଓ ମଲ୍ଲିକ୍ ୧୫ଦିନ ମଧ୍ୟରେ ସେମାନଙ୍କର ସମସ୍ୟାର ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ସେହିପରି ଉକ୍ତ ପଞ୍ଚାୟତର ୧୨ ଜଣ ହିତାଧିକାରୀ ୬ମାସରୁ ଊର୍ଦ୍ଧ୍ୱ ହେବ ରାସନକାର୍ଡ ପାଇଥିଲେ ମଧ୍ୟ ଚାଉଳ ପାଇବାରୁ ବଞ୍ଚିତ ହୋଇଛନ୍ତି । ସେମାନଙ୍କର କୌଣସି ତଥ୍ୟ କମ୍ପ୍ୟୁଟରରେ ଉପଲବ୍ଧ ନ ଥିବାରୁ ସେମାନଙ୍କୁ ପଞ୍ଚାୟତ ପକ୍ଷରୁ ଚାଉଳ ଦିଆଯାଉ ନାହିଁ । ତଥ୍ୟ ଉପଲବ୍ଧ ନ ଥିବା ବେଳେ ସେମାନଙ୍କୁ କାର୍ଡ କିପରି ଦିଆଗଲା ଏହାକୁ ନେଇ ସେମାନେ ପ୍ରଶ୍ନ ଉଠାଇବା ସହିତ ତାଙ୍କ ଚାଉଳ ବାଟମାରଣା ହେଉଥିବା ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ବିଭାଗ ପକ୍ଷରୁ ତଦନ୍ତ କରାଯାଇ ଯଥାଶୀଘ୍ର କାର୍ଯ୍ୟାନୁଷ୍ଠାନ ନେବାକୁ ଦୁଃଖିନୀ ସିଂ, ଦିଦି ସିଂ ଓ ରାମାୟ ସିଂ ଦାବି କରିଛନ୍ତି । ତେବେ ବିଡିଓଙ୍କ ପ୍ରତିଶ୍ରୁତି ମୁତାବକ ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନ ଜୋରଦାର ହେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି । ଏଥିନେଇ ବିଡିଓ ମଲ୍ଲିକ୍‌ଙ୍କୁ ପଚାରିବାରୁ ଅଭିଯୋଗ ପାଇଛି ଓ ଯଥାଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି।

